visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.60, Bhubaneswar Sunday, April 19,2020 | ୨୩ତମ ବର୍ଷ ସଂଖ୍ୟା– ୬୦ ଭୁବନେଶ୍ୱର, ରବିବାର ଅପ୍ରେଲ ୧୯,୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଲକ୍ ଡାଉନ୍ ପର୍ଯ୍ୟନ୍ତ ୯ ଜିଲ୍ଲାରେ ଗଡିବନି ଘରୋଇ ଗାଡି

**ଭୁବନେଶ୍ୱର, (ପିଏନ)-** କରୋନା ହାଇ ରିସ୍କ ଥିବା ରାଜ୍ୟର ୯ଟି ଜିଲ୍ଲାର ସହରାଂଚଳରେ କୌଣସି ଘରୋଇ ଗାଡ଼ି ଚଳାଚଳ କରିପାରିବ ନାହିଁ। ସେହି ଜିଲ୍ଲାଗୁଡ଼ିକ ହେଉଛି ଖୋର୍ଦ୍ଧା, ଭଦ୍ରକ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, କଟକ, ପୁରୀ, ଯାଜପୁର, କଳାହାଣ୍ଡି ଏବଂ ଢେଙ୍କାନାଳ। କେବଳ ଜରୁରୀକାଳୀନ ଓ ଅତ୍ୟାବଶ୍ୟକ ସେବା ପାଇଁ ହିଁ ଏହି ଜିଲ୍ଲାଗୁଡ଼ିକରେ ଘରୋଇ ଗାଡ଼ି ଚଳାଚଳ କରିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।
ସେହିପରି ଗ୍ରାମାଂଚଳରେ ଜଳ ସମ୍ପଦ ବିଭାଗର ଅଧା ବାକି ଥିବା କାମ ଚାଲୁ ରହିବ। ରାସ୍ତା ନିର୍ମାଣ, କୋଠା, ଏମଏସ୍ଏମଇ, ଶିଳ୍ପ ପ୍ରକଳ୍ପ ମଧ୍ୟ ଚାଲିବ। ଲକଡାଉନ୍ କଟକଣା ଏହି ସବୁ କାର୍ଯ୍ୟ ପାଇଁ ଲାଗୁ ହେବ ନାହିଁ। ପୂର୍ତ୍ତ ବିଭାଗର ବିଭିନ୍ନ ନିର୍ମାଣ କାମ ଗ୍ରାମାଂଚଳରେ ଚାଲିବ। ଯେଉଁଥିରେ ରହିଛି ପୋଲ, ଜାତୀୟ ରାଜପଥ ନିର୍ମାଣ ଇତ୍ୟାଦି। ପଂଚାୟତିରାଜ ବିଭାଗ ପକ୍ଷରୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ହେଉଥିବା ମାସ୍କ ନିର୍ମାଣ, ପିପିଇ ଓ ସାନିଟାଇଜର୍ ଭଳି ଜରୁରୀ ସେବା ସାମଗ୍ରୀ ଉତ୍ପାଦନ ଓ ବିକ୍ରି ଏହି ଲକ୍ ଡାଉନ ବେଳେ ଚାଲିପାରିବ। ଏହାଛଡ଼ା ବିଦ୍ୟୁତ୍ ବିଭାଗର ବିଭିନ୍ନ କାର୍ଯ୍ୟ ବି ଲକଡାଉନ୍ ସମୟରେ ଚାଲୁ ରହିବ। ତେବେ ସାମାଜିକ ଦୂରତାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି।

## ବିଶିଷ୍ଟ ସାହିତ୍ୟିକ ରତ୍ନାକର ଚଇନିଙ୍କ ପରଲୋକ

**ଭୁବନେଶ୍ୱର, (ପିଏନ)-** ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର ତଥା ସାରସ୍ୱତ ସାଧକ ଡଃ ରତ୍ନାକର ଚଇନି ଙ୍କ ପରଲୋକ ହୋଇଯାଇଛି। କଟକ ବାଦାମବାଡ଼ି ସ୍ଥିତ ବାସଭବନରେ ଆଜି ଅପରାହ୍ନରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା।
ସେ ଜଣେ ଖ୍ୟାତି ସଂପନ୍ନ ନାଟ୍ୟକାର , ଦକ୍ଷ ସାହିତ୍ୟ ସଂଗଠକ ସହ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ରହିଥିଲେ। ତାଙ୍କର ସାହିତ୍ୟ କୃତି ପାଇଁ ୨୦୧୬ ମସିହାରେ ତାଙ୍କୁ ସମ୍ମାନଜନକ 'ସାହିତ୍ୟ ଭାରତୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାରରେ ମଧ ସମ୍ମାନିତ ହୋଇଥିଲେ। ସ୍ୱର୍ଗତ ଚଇନି ୧୯୪୫ ମସିହାରେ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ।ତାଙ୍କର ଅମୂଲ୍ୟ ସାହିତ୍ୟ କୃତୀ ମଧ୍ୟରେ ରହିଛି ଆଜିର ଗଳ୍ପ , ସୂର୍ଯ୍ୟାସ୍ତର ଉପବନ, ଆଶା ବୃନ୍ଦାବନ ଇତ୍ୟାଦି।

## ସ୍କୁଲ , କଲେଜ ଖୋଲିଲେ ଯେକୌଣସି ସମୟରେ ପରୀକ୍ଷା : ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)-** ଜୁନ ୧୭ରେ ସ୍କୁଲ , କଲେଜ ଖୋଲିବା ପରେ ବାକି ରହିଯାଇଥିବା ପରୀକ୍ଷା ଗୁଡିକ ଅନୁଷ୍ଠିତ ହେବ। ଯେକୌଣସି ସମୟରେ ପରୀକ୍ଷା କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ.ଅରୁଣ ସାହୁ ପ୍ରକାଶ କରିଛନ୍ତି । ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ପରେ ମନ୍ତ୍ରୀ ଏନେଇ ସୂଚନା ଦେଇଛନ୍ତି । ତେଣୁ ଛୁଟି ସମୟରେ ପଢାପଢି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି ।
ପିଜି ଏକକ ପ୍ରବେଶିକା ପରୀକ୍ଷା କୁଳପତି ମାନଙ୍କ ସହ ଆଲୋଚନା ପରେ ଏହି ନିଷ୍ପତି ନିଆଯାଇଛି ।ଶିକ୍ଷା ବ୍ୟବସ୍ଥାର ସାଂପ୍ରତିକ ସ୍ଥିତିକୁ ନେଇ ୟୁଜିସି ୭ ଜଣିଆ କମିଟି କରିଛି । ୟୁଜିସି ରିପୋର୍ଟ ଆଧାରରେ ରାଜ୍ୟ ସରକାର ନିଷ୍ପତି ନେବେ ବୋଲି ମନ୍ତ୍ରୀ କହିଛନ୍ତି ।
ଏଥି ସହିତ ହିଁ ଆସନ୍ତା ୨୦ ତାରିଖରୁ ଉଚ୍ଚ ଶିକ୍ଷା ବିଭାଗର ଗ୍ରୁପ ଏ ଅଫିସରମାନେ ଆସିବା ବାଧ୍ୟତାମୂଳକ ବୋଲି କହିବା ସହ ଗ୍ରୁପ ସି ଏବଂ ଡି କର୍ମଚାରୀମାନେ ଅଳ୍ପ ସଂଖ୍ୟାରେ ଆସିବେ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି ।



'କିଷାନ ରଥ' ମୋବାଇଲ ଆପ୍‌କୁ ଶୁଭାରମ୍ଭ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର

# ରାଜଧାନୀରେ କରୋନା ନମୂନା ସଂଗ୍ରହ ପାଇଁ ଗଠିତ ହେଲା ୧୩ଟି ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର, (ପିଏନ):** କରୋନା ମାମଲାରେ ଭୁବନେଶ୍ୱର ହଟ ସ୍ପଟ ହୋଇ ସାରିଥିବା କାରଣରୁ ଏଠାରେ ଅଧିକ ସଂଖ୍ୟାରେ ନମୁନା ପରୀକ୍ଷା କରିବା ଯୋଜନା ପରିପ୍ରେକ୍ଷୀରେ ନମୂନା ସଂଗ୍ରହ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୧୩ ଗୋଟି ଟିମ ଗଠିତ କରା ଯାଇଛି । ଏହି ଟିମ ଗୁଡିକୁ ବିଭିନ୍ନ ସ୍ଥାନକୁ ଯାଇ ନମୁନା ସଂଗ୍ରହ କରିବେ । ମିଳିଥିବା ସୂଚନା ଅନୁସାରେ ଏହି ଟିମରେ ଡାକ୍ତର, ଶିକ୍ଷକ, ପୋଲିସକର୍ମୀ, ପରିମଳ କର୍ମଚାରୀ ମାନେ ସାମିଲ ରହିଛି । ଦୁଇଟି ଶିଫ୍ଟରେ ସକାଳ ୮ଟାରୁ ୧୧ଟା ଓ ଅପରାହ୍ନ ୪ଟାରୁ ୬ଟା ଯାଏ ପ୍ରତିଦିନ ନମୂନା ସଂଗ୍ରହ କରା ଯିବ । ଏହି ଟିମରେ ସାମିଲ ଥିବା ଶିକ୍ଷକ ମାନେ ସାମ୍ପଲ ସଂଗ୍ରହ କେନ୍ଦ୍ରରେ ଫର୍ମ ପୂରଣ ସହିତ ସମସ୍ତ ପ୍ରକାର ଡକୁମେଂଟେସନ କାମ କରିବେ । ସେହିପରି ପରିମଳ କର୍ମଚାରୀ ମାନେ କ୍ୟାମ୍ପରେ ଆବଶ୍ୟକୀୟ ସଫେଇ କାମ କରିବେ । ଉଲ୍ଲେଖନୀୟ ଯେ ଶୁକ୍ରବାର ଦିନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ ଭୁବନେଶ୍ୱର ସହର କରୋନାର ହଟ ସ୍ପଟ ହୋଇଥିବା କାରଣରୁ ଭୁବନେଶ୍ୱର ସହରକୁ ସୁରକ୍ଷିତ କରିବା ପାଇଁ ଆଗାମୀ ସାତ ଦିନ ମଧ୍ୟରେ ୫ ହଜାର ନମୁନାର ପରୀକ୍ଷା କରିବା ପାଇଁ ଯୋଜନା ପ୍ରସ୍ତୁତ କରା ଯାଇଛି । ସେ ଏହି କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ଲୋକ ମାନଙ୍କୁ ନିବେଦନ କରିଥିଲେ । ସେ କହିଥିଲେ ଯେ ଯେଉଁ ମାନଙ୍କର ବିଦେଶ ବା ଅନ୍ୟ ରାଜ୍ୟର ଗସ୍ତର ବିବରଣୀ ରହିଛି, କିମ୍ବା ଲକ୍ଷଣ ରହିଛି ବା ଯେଉଁ ମାନେ କୋଭିଡ ସଂକ୍ରମିତଙ୍କ ସମ୍ପର୍କରେ ଆସିଥିବେ ସେମାନଙ୍କର ଅଗ୍ରାଧିକାର ଭିତିରେ ପରୀକ୍ଷା କରା ଯିବ । ସେହିପରି କୋବିଡ ମୁକାବିଲାରେ ଲାଗିଥିବା ସ୍ୱାସ୍ଥ୍ୟ କର୍ମୀ, ପୋଲିସ କର୍ମୀ ଓ ପରିମଳ ପାଇଁ କାମ କରୁଥିବା କର୍ମୀ ମାନଙ୍କର ପରୀକ୍ଷା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରା ଯିବ । ସେହିପରି ବୟସ୍କ ବ୍ୟକ୍ତିଙ୍କ ନମୁନା ପରୀକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆ ଯିବ ବୋଲି ସେ କହିଥିଲେ । ରାଣ୍ଡମ ସାମ୍ପଲିଂ ମାଧ୍ୟମରେ ମଧ୍ୟ ପରୀକ୍ଷା କରା ଯିବ ବୋଲି ସେ କହିଥିଲେ । ସେ କହିଥିଲେ ଯେ ଯାହାଙ୍କୁ ନମୁନା ପରୀକ୍ଷଣ ପାଇଁ କୁହା ଯିବ ସେମାନଙ୍କୁ ସହଯୋଗ ପୂର୍ବକ ନମୁନା ଦେବାକୁ ଟେଷ୍ଟିଂ କ୍ୟାମ୍ପକୁ ଆସିବାକୁ ପଡିବ । ଯଦି କେହି ଏପରି ନ କରିବେ ତେବେ ପ୍ରଶାସନ ଓ ପୋଲିସର ସହାୟତା ନିଆ ଯିବ ବୋଲି ସେ କହିଥିଲେ ।

# ସହରାଂଚଳରେ ଶ୍ରମଭିତ୍ତିକ କାର୍ଯ୍ୟ ପାଇଁ ଶହେ କୋଟି ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

### ୪.୫ ଲକ୍ଷ ପରିବାର ହେବେ ଉପକୃତ

**ଭୁବନେଶ୍ୱର, (ପିଏନ)-** କରୋନା ମୁକାବିଲା ପାଇଁ ରାଜ୍ୟର ୧୧୪ଟି ପୌରାଂଚଳର ସହର ମାନଙ୍କରେ ରହୁଥିବା ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହେ କୋଟି ଟଙ୍କାର ଯୋଜନା ଘୋଷଣା କରିଛନ୍ତି । ଏଥିରେ ଶ୍ରମଭିତିକ କାମ ଉପରେ ଗୁରୁତ୍ୱ ଦିଆ ଯାଇଛି । ଏହା ଦ୍ୱାରା ସହରାଂଚଳର ୪ ଲକ୍ଷ ୫୦ ହଜାର ପରିବାର ଉପକୃତ ହେବେ ।
ଚଳିତ ଏପ୍ରିଲ ମାସରୁ ଆରମ୍ଭ ହୋଇ ଆଗାମୀ ସେପ୍ଟେମ୍ବର ମାସ ଯାଏ ଚାଲିବ । ମିଶନ ଶକ୍ତିର ମହିଳା ମାନଙ୍କ ସହାୟତା ଓ ସହଭାଗିତାରେ ଏହି କାର୍ଯ୍ୟକ୍ରମ କରା ଯିବ । ହିତାଧିକାରୀ ମାନଙ୍କର ମଜୁରୀ ପ୍ରତି ସପ୍ତାହରେ



ସେମାନଙ୍କର ବ୍ୟାଙ୍କ ଏକାଉଂଟକୁ ସିଧା ସଳଖ ପଠା ଯିବ ।
ବର୍ତମାନ ଏହି କଷ୍ଟକର ସମୟରେ ରାଜ୍ୟ ସରକାର ସହରାଂଚଳର ଗରୀବ ଲୋକ ମାନଙ୍କୁ ରୋଜଗାର ଦେବା ପାଇଁ (ଅର୍ବାନ ଵେଜ ଏମ୍ପଲୋୟମେଂଟ ଇନିସିଏଟିଭ) ନାମରେ ଏକ ଜରୁରୀ କାଳୀନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତି ନେଇଛନ୍ତି । ଏହା ଦ୍ୱାରା ରାଜ୍ୟର ୧୧୪ଟି ପୌରାଂଚଳ ଗୁଡିକରେ ରହୁଥିବା ଶ୍ରମିକ, ଗରୀବ ଲୋକ ଓ ଦିନ ମଜୁରିଆ ଶ୍ରେଣୀର ଲୋକଙ୍କ ପାଇଁ ଜୀବିକା ସୃଷ୍ଟି କରା ଯିବ ।
ଏହି ଯୋଜନାରେ ସହରାଂଚଳରେ ଅନେକ ଶ୍ରମ ଭିତିକ ପ୍ରକଳ୍ପ କାର୍ଯ୍ୟକାରୀ କରା ଯିବ । ଏଥିରେ ଡ୍ରେନ ଗୁଡିକରୁ ମାଟି ଓ ଅନ୍ୟାନ ବର୍ଜ୍ୟ ବସ୍ତୁର ସଫେଇ, ଜଳାଶୟ ଖନନ ଓ ନବୀକରଣ, ପାର୍କ, ଖେଳ ପଡିଆ ଓ ଅନ୍ୟାନ୍ୟ ଖୋଲା ସ୍ଥାନ ଗୁଡିକର ଉନ୍ନତିକରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ସାମୟିକ କାର୍ଯ୍ୟ କ୍ଷେତ୍ର ନିର୍ମାଣ, ନବୀକରଣ, ଶୌଚାଳୟ ନିର୍ମାଣ ଏବଂ ସହରାଂଚଳର ସୌନ୍ଦର୍ଯ୍ୟକରଣ ସହିତ ନିର୍ମାଣ ଅବଶେଷରେ ନିଷ୍କାସନ ସହିତ ଅନ୍ୟାନ୍ୟ ଶ୍ରମଭିତିକ ବିକାଶମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ।

# ଦୂରଦୂରାନ୍ତ ଅଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପହଂଚାଉଛି ଡାକ ବିଭାଗ

**ନୂଆଦିଲ୍ଲୀ , (ପିଏନ)-** କୋଭିଡ-୧୯ ସଂକ୍ରମଣ କାଳରେ ଭାରତୀୟ ଡାକ ବିଭାଗ ଏହାର ବିଶାଳ ସଂଗଠନ ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସହାୟତା କରୁଛି । ଯୋଗାଯୋଗ, ଆଇନ, ନ୍ୟାୟ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ରବି ଶଙ୍କର ପ୍ରସାଦ ପ୍ରତ୍ୟେକ ରାଜ୍ୟର ମୁଖ୍ୟ ମହାଡାକପାଳ ଓ ମୁଖ୍ୟ ସାଧାରଣ ପ୍ରବନ୍ଧକମାନଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ସମଗ୍ର ଦେଶର ଲୋକମାନଙ୍କୁ ସାହାଯ୍ୟକରିବା ନେଇ ଆଲୋଚନା କରିଛନ୍ତି । ବାସ୍ତବ କରୋନା ଯୋଦ୍ଧା ଭାବେ ଡାକ ବିଭାଗ ଦୂର ଦୁରାନ୍ତରେ ଥିବା ଲକ୍ଷ ଲକ୍ଷ ଜନସାଧାରଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପହଂଚାଇବାରେ ସକ୍ଷମ ହୋଇଛି ।
ଭିଡିଓ କନଫରେନ୍ସ ଜରିଆରେ ଶ୍ରୀ ରବି ଶଙ୍କର ପ୍ରସାଦ ଗରିବ ଓ ଅବହେଳିତ ବ୍ୟକ୍ତିମାନଙ୍କ ନିକଟରେ ଜରୁରି ଖାଦ୍ୟ ସାମଗ୍ରୀ ପହଂଚାଇବା ଲାଗି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡାକ ବିଭାଗର କର୍ମଚାରୀମାନେ ବିଭିନ୍ନ ସହରତଳି, ଦାଦନ ଶ୍ରମିକ ଓ ଦିନ ମଜୁରିଆଙ୍କୁ ଖାଦ୍ୟ, ଶୁଖିଲା ସଉଦାପତ୍ର ଓ ମାସ୍କ ଇତ୍ୟାଦି ବିତରଣ କରୁଛନ୍ତି । ଗତ କିଛିଦିନ ମଧ୍ୟରେ ସେମାନେ ୧ ଲକ୍ଷ ଖାଦ୍ୟ ଓ ସଉଦାପତ୍ର ପୁଡିଆ ବଂଟନ କରିଛନ୍ତି। କେବଳ ଉତରପ୍ରଦେଶର ନଇଡା, ଗାଜିଆବାଦ, ଲକ୍ଷ୍ନୌ, ପ୍ରୟାଗରାଜ ଓ ଫଇଜାବାଦ ଅଂଚଳରେ ସେମାନେ ୫୦ ହଜାର ଖାଦ୍ୟ ଓ ଶୁଖିଲା ସଉଦାପତ୍ର ପୁଡିଆ ଦାଦନ ଓ ନିର୍ମାଣ ଶ୍ରମିକ ଏବଂ ଜରୁରି ଆବଶ୍ୟକ କରୁଥିବା ଲୋକଙ୍କୁ ବାଂଟିଛନ୍ତି । ସେହିଭଳି ବିହାରରେ ୧୬ ହଜାର ଖାଦ୍ୟ ପୁଡିଆ, ୧୧ ହଜାର ସାବୁନ, ଗ୍ଲୋବ୍ସ, ମାସ୍କ ଓ ସାନିଟାଇଜର ପ୍ୟାକେଟ ସ୍ୱେଚ୍ଛାକୃତ ଭାବେ ବାଂଟିଛନ୍ତି । ଉଦାହରଣ ସ୍ୱରୂପ ତେଲଙ୍ଗାନାର ହାଇଦ୍ରାବାଦ ମହାନଗରରେ ଲକଡାଉନ ସମୟରେ ଡାକ କର୍ମଚାରୀମାନେ ସରକାରୀ ଭ୍ୟାନରେ ୧୭୫୦ ପରିବାରକୁ ଖାଦ୍ୟ ଓ ଅନ୍ୟାନ୍ୟ ସଉଦାପତ୍ର ବାଂଟିଛନ୍ତି । ସେହିପରି ନାଗପୁରରେ ପ୍ରାୟ ୧୫୦୦ ଦାଦନ ଶ୍ରମିକଙ୍କୁ ଖାଦ୍ୟ ଓ ଶୁଖିଲା ସଉଦାପତ୍ର ପ୍ରଦାନ କରିଛନ୍ତି । ପଞ୍ଜାବ ଡାକ ମଣ୍ଡଳ ପକ୍ଷରୁ ଭ୍ରାମ୍ୟମାଣ ଗାଡିରେ ନିର୍ମାଣ ଶ୍ରମିକ, ବୁଲାବେପାରୀ, ରିକ୍ସା ଚାଳକ ଓ ପିଜିଆଇ ଚଣ୍ଡିଗଡରେ ଥିବା ରୋଗୀମାନଙ୍କ ସହାୟକ ଓ ଚଣ୍ଡିଗଡର ବିଭିନ୍ନ ଅଂଚଳରେ ଫସି ରହିଥିବା ଶ୍ରମିକମାନଙ୍କୁ ଖାଦ୍ୟ ପଦାର୍ଥ ବାଂଟିଛନ୍ତି । ଚଣ୍ଡିଗଡର ଖାଦ୍ୟ ଓ ଯୋଗାଣ ବିଭାଗ ସହଯୋଗରେ ଡାକ କର୍ମଚାରୀମାନେ ମେଲ ଭ୍ୟାନ ଜରିଆ ।ରେ ବିଭିନ୍ନ ସ୍ଥାନରେ ଦୁଇ ଓଳି ଖାଦ୍ୟ ପୁଡିଆ ବଣ୍ଟନ କରିଛନ୍ତି । ୨୦୦୦ ରୁ ୩୫୦୦ ପର୍ଯ୍ୟନ୍ତ ଲୋକଙ୍କୁ ଖାଦ୍ୟ ବାଂଟିବା ସମୟରେ ସେମାନେ ସାମାଜିତ ଦୂରତା ରକ୍ଷା କରି ଏହି କାର୍ଯ୍ୟକ୍ରମ ତୁଲାଇଥିଲେ ଯ ଡାକ ବିଭାଗର ଲାଲ ମେଲ ଗାଡି ଏବେ ଅନେକ ନିରାଶ୍ରୟ ବ୍ୟକ୍ତିମାନଙ୍କ ଆଶାର ବାହନ ସଦୃଶ ହୋଇଛି ଏବଂ ସେମାନେ ଗାଡିର ଆଗମନକୁ ଚାତକ ଭଳି ଚାହିଁ ବସିଛନ୍ତି । ମୁମ୍ବାଇରେ ଡାକ କର୍ମଚାରୀମାନେ ଦାଦନ ଶ୍ରମିକ ଓ ସହରତଳି ଲୋକମାନଙ୍କୁ ଖାଇବା ଦେବା ସହ ସବୁଠୁ ଅଧିକ କରୋନା ପ୍ରଭାବିତ ଧରାଭୀ ଅଂଚଳରେ ମାସ୍କ ଓ ସାନିଟାଇଜର ବାଂଟିଛନ୍ତି ।

# ବରଗଡ଼, ବଲାଙ୍ଗୀର, ସୋନପୁର ଏବଂ କନ୍ଧମାଳରେ କୋଭିଡ୍ ହସ୍ପିଟାଲ ସମୀକ୍ଷା କଲେ ମୁଖ୍ୟ ସଚିବ

**ଭୁବନେଶ୍ୱର, (ପିଏନ)-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କୋଭିଡ୍-୧୯ ମୁକାବିଲା ନିମନ୍ତେ ଓଡ଼ିଶାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍‌ଗୁଡ଼ିକ ଯୁଦ୍ଧ କାଳୀନ ଭିତିରେ ପ୍ରସ୍ତୁତ କରାଯାଉଛି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଶ୍ରୀ ଭି. କେ. ପାଣ୍ଡିଆନ୍ ବରଗଡ଼, ବଲାଙ୍ଗୀର, ସୋନପୁର ଏବଂ କନ୍ଧମାଳ ଗସ୍ତ କରି ଏହି ଜିଲ୍ଲାମାନଙ୍କରେ କୋଭିଡ୍-୧୯ ହସ୍ପିଟାଲ୍ ପ୍ରସ୍ତୁତି ଓ ପରିଚାଳନାର ସମୀକ୍ଷା କରିଛନ୍ତି । ଏଥି ସହିତ ଏହି ଜିଲ୍ଲାଗୁଡ଼ିକରେ କୃଷି କାର୍ଯ୍ୟର ଅଗ୍ରଗତିର ମଧ ସମୀକ୍ଷା କରିଛନ୍ତି । ଭିମ୍‌ସାର, ବୁର୍ଲାକୁ ଆଜି କୋଭିଡ୍-୧୯ ନମୁନା ପରୀକ୍ଷା ପାଇଁ ଅନୁମତି ମିଳିଛି । ଏହାକୁ ମିଶାଇ ବର୍ତମାନ ସୁଦ୍ଧା ରାଜ୍ୟରେ ୩ଟି ମେଡିକାଲ୍ କଲେଜ୍, ୪ଟି ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ ଓ ଗୋଟିଏ ଘରୋଇ ହସ୍ପିଟାଲ୍‌ରେ କୋଭିଡ୍-୧୯ ନମୁନା



ପରୀକ୍ଷାର ସୁବିଧା ଉପଲବ୍ଧ ହେଉଛି । ଭୁବନେଶ୍ୱରେ କୋଭିଡ୍-୧୯ ପରୀକ୍ଷଣକୁ ବ୍ୟାପକ କରାଯାଇଛି । ଏଥି ନିମନ୍ତେ ଆଇସିଏମ୍ଆର୍ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଦ୍ୱାରା ପ୍ରଦତ ନିୟମାନୁସାରେ ସମ୍ବେଦନପ୍ରବଣ ବର୍ଗଙ୍କର ଅଗ୍ରାଧିକାର ଭିତିରେ ତାଲିକା ପ୍ରସ୍ତୁତ କରାଯାଇ ପରୀକ୍ଷା କରାଯାଉଛି । ଗସ୍ତ ଇତିହାସ ଥିବା ବ୍ୟକ୍ତିବିଶେଷ, କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଇନ୍‌ଫ୍ଲୁଏଞ୍ଜା ଓ ଶ୍ୱାସକ୍ରିୟାରେ କଷ୍ଟ ପରି ଲକ୍ଷଣ ଥିବା ବ୍ୟକ୍ତିମାନଙ୍କର ପରୀକ୍ଷା ଅଗ୍ରାଧିକାର ଭିତିରେ କରାଯାଉଛି । ଏଥି ସହ ବିଭିନ୍ନ କ୍ଲଷ୍ଟରରେ ର୍‍ୟାଣ୍ଡମ୍ ପରୀକ୍ଷା କରାଯିବ । ତଦନୁଯାୟୀ ବିଭିନ୍ନ ରେସିଡେଂଟ ୱେଲ୍‌ଫେୟାର ଆସୋସିଏସନ୍, ପୂଜା କମିଟି, ୱାର୍ଡ ଅଫିସର, ଏଏନ୍ଏମ୍ ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ସହାୟତାରେ ଚିହ୍ନିତ ବ୍ୟକ୍ତିଙ୍କର ନମୁନା ସଂଗ୍ରହ କରାଯାଉଛି ।

## ଶ୍ରମିକଙ୍କ ଅଭିଯୋଗର ସମାଧାନ ଲାଗି ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କୁ ପତ୍ର ଲେଖିଲେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର

**ନୂଆଦିଲ୍ଲୀ , (ପିଏନ)-** କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଶ୍ରୀ ସନ୍ତୋଷ ଗଙ୍ଗୱାର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କୁ ପତ୍ର ଲେଖି ଶ୍ରମ ବିଭାଗର ଜଣେ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି । କୋଭିଡ-୧୯ ମହାମାରୀ ଯୋଗୁ କେନ୍ଦ୍ର ସରକାର ସ୍ଥାପନ କରିଥିବା ନିୟନ୍ତ୍ରଣ କକ୍ଷ ସହ ଏହି ନୋଡାଲ ଅଧିକାରୀମାନେ ଯୋଗସୂତ୍ର ରକ୍ଷାକରି ଶ୍ରମିକମାନଙ୍କ ସମସ୍ୟା ସମାଧାନ ଦିଗରେ ସାହାଯ୍ୟ କରିବେ । ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଶ୍ରମମନ୍ତ୍ରୀମାନଙ୍କୁ ଲେଖିଥିବା ପତ୍ରରେ ଶ୍ରୀ ଗଙ୍ଗୱାର ଦେଶରେ ସ୍ଥାପିତ ୨୦ଟି ନିୟନ୍ତ୍ରଣ କକ୍ଷକୁ ଆସୁଥିବା ଶ୍ରମିକ ସମସ୍ୟା ଉପରେ ଶ୍ରମବିଭାଗର ଏହି ନୋଡାଲ ଅଧିକାରୀମାନେ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ଉଲ୍ଲେଖ କରିଛନ୍ତି । ଶ୍ରମିକମାନଙ୍କ ଆପତି ଅଭିଯୋଗ ସମାଧାନ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଶ୍ରୀ ଗଙ୍ଗୱାର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ମୁଖ୍ୟ ଶ୍ରମ ଆୟୁକ୍ତଙ୍କ ଅଧୀନରେ ଦେଶର ବିଭିନ୍ନ ସ୍ଥାନରେ ୨୦ଟି ନିୟନ୍ତ୍ରଣ କକ୍ଷ ସ୍ଥାପନ କରିଛନ୍ତି । କୋଭିଡ-୧୯ ମହାମାରୀ ବେଳେ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଏହି ନିୟନ୍ତ୍ରଣ କକ୍ଷଗୁଡ଼ିକ ସ୍ଥାପନ କରାଯାଇଛି ।ନିୟନ୍ତ୍ରଣ କକ୍ଷଗୁଡିକ ସ୍ଥାପନ ହେବାର କିଛି ଦିନ ପରେ ଦେଖାଯାଇଛି ଯେ, ଆସିଥିବା ୨୧୦୦ଟି ଆପତି ଅଭିଯୋଗ ମଧ୍ୟରୁ ୧୪୦୦ଟି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି ।ଶ୍ରମ ବିଷୟ ସମ୍ବିଧାନର ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି । ମନ୍ତ୍ରୀ ୨୦ଟି ନିୟନ୍ତ୍ରଣ କକ୍ଷର ଠିକଣା ସହ କେନ୍ଦ୍ର ସରକାରଙ୍କ ତରଫରୁ ସେଠାକୁ ପଠାଯାଇଥିବା ଅଧିକାରୀମାନଙ୍କ ନାମ ଏକ ତାଲିକାରେ ଜଣାଇଛନ୍ତି ।

# କୋଭିଡ-୧୯ ପରିପ୍ରେକ୍ଷୀରେ ପୁରୁଣା ଏଫଡ଼ିଆଇ ନୀତିକୁ ସଂଶୋଧନ କଲେ ସରକାର

**ନୂଆଦିଲ୍ଲୀ , (ପିଏନ)-** ଭାରତ ସରକାର ପ୍ରଚଳିତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡ଼ିଆଇ) ନୀତିକୁ ବ୍ୟାପକ ଭାବେ ସମୀକ୍ଷା କରିଛନ୍ତି । ସାମ୍ପ୍ରତିକ ବୈଶ୍ୱିକ ମହାମାରୀ କୋଭିଡ-୧୯ର ସୁଯୋଗ ନେଇ ଭାରତୀୟ କମ୍ପାନୀଗୁଡ଼ିକୁ କିଣିବା ଅବା ଆହରଣ ପାଇଁ ଫାଇଦା ହାସଲକାରୀଙ୍କ ଉଦ୍ଦେଶ୍ୟକୁ ନିୟନ୍ତ୍ରଣ କରିବା ସକାଶେ ସରକାର ଏଫଡ଼ିଆଇ ନୀତିର ପାରା ୩.୧.୧କୁ ସଂଶୋଧନ କରିଛନ୍ତି ଯାହାକି ସମନ୍ୱିତ ଏଫଡ଼ିଆଇ ନୀତି, ୨୦୧୭ର ଅଂଶବିଶେଷ । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ବିଭାଗ ଅଧୀନସ୍ଥ ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ କାରବାର ପ୍ରୋତ୍ସାହନ ବିଭାଗ ଏ ସଂପର୍କରେ ପ୍ରେସ ନୋଟ ସଂଖ୍ୟା.୩ (୨୦୨୦ ସିରିଜ) ଜାରି କରିଛନ୍ତି ।ପାରା ୩.୧.୧: ଜଣେ ପ୍ରବାସୀ ଭାରତୀୟ ବ୍ୟକ୍ତି ଭାରତରେ ନିବେଶ କରିପାରିବେ। କିନ୍ତୁ ସେଥିପାଇଁ ସେ ଏଫଡ଼ିଆଇ ନୀତିର ସର୍ତାବଳୀ ଅନୁସାରେ ହିଁ ତାହା କରିପାରିବେ ଏବଂ ସେ ସେଭଳି ସେକ୍ଟରରେ / କାର୍ଯ୍ୟ କରିପାରିବେନାହିଁ ଯାହାକୁ ଆଇନତଃ ନିଷିଦ୍ଧ କରାଯାଇଛି । କିନ୍ତୁ, ବାଂଲାଦେଶର ଜଣେ ନାଗରିକ କିମ୍ବା ସଂସ୍ଥା ଯିଏକି ବାଂଲାଦେଶରେ ପଞ୍ଜିକୃତ ସେମାନେ ଚାହିଁଲେ ସରକାରୀ ମାର୍ଗରେ ହିଁ ଭାରତରେ ସେମାନଙ୍କର ପୁଞ୍ଜି ନିବେଶ କରିପାରିବେ । ଅଧିକନ୍ତୁ, ପାକିସ୍ତାନର ଜଣେ ନାଗରିକ କିମ୍ବା ସଂସ୍ଥା ଯିଏ କି ପାକିସ୍ତାନରେ ପଞ୍ଜିକୃତ ସେମାନେ ସରକାରୀ ମାଧ୍ୟମରେ ପ୍ରତିରକ୍ଷା, ମହାକାଶ, ଆଣବିକ ଶକ୍ତି ଭଳି ସେକ୍ଟର/ କାର୍ଯ୍ୟ ଏବଂ ଅନ୍ୟ ଯେଉଁସବୁ ସେକ୍ଟର/ କାର୍ଯ୍ୟରେ ବିଦେଶୀ ପୁଞ୍ଜି ନିବେଶକୁ ନିଷେଧ କରାଯାଇଛି, ତାହାକୁ ଛାଡ଼ି ଅନ୍ୟତ୍ର ପୁଞ୍ଜି ନିବେଶ କରିପାରିବେ ।ସଂଶୋଧିତ ସ୍ଥିତିପାରା ୩.୧.୧(କ): ଜଣେ ପ୍ରବାସୀ ଭାରତୀୟ ଭାରତରେ ପୁଞ୍ଜି ନିବେଶ କରିପାରିବେ କିନ୍ତୁ ତାହା ଏଫଡ଼ିଆଇ ନୀତିରେ ଥିବା ସର୍ତାବଳୀ ପୂରଣ କରିବା ଦ୍ୱାରା ସମ୍ଭବ ଯ ତେବେ ଯେଉଁସବୁ ସେକ୍ଟର/କ୍ଷେତ୍ର ପାଇଁ ତାହା ନିଷେଧ କରାଯାଇଛି ସେଥିରେ ସେମାନେ ପୁଞ୍ଜି ନିବେଶ କରିପାରିବେନାହିଁ ଯ କିନ୍ତୁ କୌଣସି ଏକ ରାଷ୍ଟ୍ର ଯାହାରକି ଭାରତ ସହ ଭୂସୀମା ସଂଲଗ୍ନ ରହିଛି କିମ୍ବା ଯେଉଁଠାରେ ସୁବିଧା ପାଉଥିବା ସେଠାକାର କେହି ମାଲିକ ଭାରତରେ ନିବେଶ କରିବାକୁ ଚାହାନ୍ତି, ସେଭଳି ବ୍ୟକ୍ତି ଯଦି ସେହିଭଳି କୌଣସି ରାଷ୍ଟ୍ରର ନାଗରିକ ହୋଇଥିବେ, ତେବେ ସେମାନେ ସରକାରଙ୍କ ମାଧ୍ୟମରେ ହିଁ ନିବେଶ କରିପାରିବେ। ପୁନଶ୍ଚ, ପାକିସ୍ତାନର ଜଣେ ନାଗରିକ କିମ୍ବା ସଂସ୍ଥା ଯିଏ କି ପାକିସ୍ତାନରେ ପଞ୍ଜିକୃତ ସେମାନେ କେବଳ ସରକାରୀ ମାର୍ଗରେ ହିଁ ପ୍ରତିରକ୍ଷା, ମହାକାଶ, ଆଣବିକ ଶକ୍ତି ଭଳି ସେକ୍ଟର/ କାର୍ଯ୍ୟ ଏବଂ ଯେଉଁସବୁ ସେକ୍ଟର/ କାର୍ଯ୍ୟରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ନିଷେଧାଜ୍ଞା ଜାରି କରାଯାଇଛି, ତାହାକୁ ଛାଡ଼ି ଅନ୍ୟତ୍ର ନିବେଶ କରିପାରିବେ ।୩.୧.୧.(ଖ): ବର୍ତମାନ ଭାରତରେ ମାଲିକାନା ଥିବା କୌଣସି ସଂସ୍ଥା କିମ୍ବା ଭବିଷ୍ୟତର ଏଫଡ଼ିଆଇ, ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଯଦି ହସ୍ତାନ୍ତର କରାଯିବାକୁ ଥାଏ, ଏବଂ ତାହା ପାରା.୩.୧.୧(କ) ଦ୍ୱାରା କରାଯାଇଥିବା ନିଷେଧାଦେଶ/ କ୍ଷମତା ପରିସରଭୁକ୍ତ ହେଉଥିବ, ସେଭଳି ପରବର୍ତୀ ଲାଭପ୍ରଦ ମାଲିକାନା ପରିବର୍ତନ ପାଇଁ ମଧ୍ୟ ସରକାର ସ୍ୱୀକୃତି ଆବଶ୍ୟକ ହେବ ।ଫେମା ବିଜ୍ଞପ୍ତି ଜାରି ହେବା ଦିନଠାରୁ ଏହି ନିଷ୍ପତି ବଳବତର ହେବ।




# ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୩୦ ସୁଦ୍ଧା ଶେଷ ହେବ ବିତରଣ କାର୍ଯ୍ୟ

**ଭୁବନେଶ୍ୱର:**କରୋନା ଭୂତାଣୁ (କୋଭିଡ୍-୧୯)ସଂକ୍ରମଣ ମୁକାବିଲା ନିମନ୍ତେ ଓଡ଼ିଶା ସମେତ ସାରା ଦେଶରେ ଲକ୍ ଡାଉନ୍ କରାଯାଇଥିବା ପରିପ୍ରେକ୍ଷୀରେ ଲୋକମାନଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୨,୮୫,୫୫୬ ପରିବାରର ୩,୨୪,୭୦,୪୯୯ ଜଣ ହିତାଧିକାରୀ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧,୧୬,୦୦୭ ପରିବାରର ୩,୭୮,୮୨୯ ଜଣ ହିତାଧିକାରୀଙ୍କୁ ଆଗୁଆ ତିନି ମାସର ରେସନ୍ ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏଥି ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ମାସକୁ ମୁଣ୍ଡ ପିଛା ୫ କେଜି ଚାଉଳ ୩ ମାସ ପାଇଁ ଓ କାର୍ଡ ପିଛା ୧ କେଜି ହରଡ଼ ଡାଲି ତିନିମାସ ପାଇଁ ବିନାମୂଲ୍ୟରେ ଯୋଗାଇ ଦିଆଯିବା ପାଇଁ ପଦକ୍ଷେପ ନିଆଯାଇଛି । ଏଥି ନିମନ୍ତେ ଖାଦ୍ୟଶସ୍ୟ ଉଠାଣ ଆରମ୍ଭ ହୋଇଯାଇଛି । ଅପ୍ରେଲ ୩୦ ସୁଦ୍ଧା ବିତରଣ କାର୍ଯ୍ୟ ଶେଷ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରାଯାଇ ବଜାରରେ ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରକୁ ନିୟନ୍ତ୍ରଣରେ ରଖାଯାଉଛି । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାର୍ଚ୍ଚ ୨୧ରୁ ଅପ୍ରେଲ ୧୨ ତାରିଖ ମଧ୍ୟରେ ୨୧,୭୫୪ଟି ପରିବାରର ୫୯,୬୧୨ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି ଏବଂ ଏହି ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ ।

ସୋମବାର ଅପରାହ୍ଣରେ ଭାରତ ସରକାରଙ୍କ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ବିଭାଗ ଦ୍ୱାରା ଆୟୋଜିତ ଭିଡ଼ିଓ କନ୍‌ଫରେନ୍ସିଂ ବୈଠକରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ରାମବିଳାସ ପାଶ୍ୱାନଙ୍କ ଅଧ୍ୟକ୍ଷତା କରିଥିଲେ । ଲୋକସେବା ଭବନଠାରେ ଭିଡ଼ିଓ କନ୍‌ଫରେନ୍‌ସିଂରେ ଉପସ୍ଥିତ ରହି ମନ୍ତ୍ରୀ ଶ୍ରୀ ସ୍ୱାଇଁ କୋଭିଡ୍-୧୯ର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଗ୍ରହଣ କରିଥିବା ବ୍ୟବସ୍ଥା ସଂପର୍କରେ ସୂଚନା ଦେଇଥିଲେ ।

# କୋଭିଡ୍-୧୯ ଚେନ୍‌କୁ ଭାଙ୍ଗିବା ପାଇଁ ଏୟାରଟେଲ୍ ଓ ଆପୋଲୋ ହସ୍ପିଟାଲ ଗ୍ରୁପ୍ ସହବନ୍ଧିତ

ଭୁବନେଶ୍ୱର: କୋଭିଡ୍-୧୯ ମହାମାରୀ ବିରୋଧରେ ଭାରତର ଲଢେଇରେ ସହଯୋଗ କରିବା ପାଇଁ ଭାରତୀ ଏୟାରଟେଲ୍ (ଏୟାରଟେଲ୍) ପକ୍ଷରୁ ଆଜି ଆପୋଲୋ ହସ୍ପିଟାଲ୍ସ ଗ୍ରୁପର ଡିଜିଟାଲ ବିଜ୍‌ନେସ୍ ୟୁନିଟ୍ ଆପୋଲୋ ୨୪/୭ ସହ ଏକ ସ୍ୱତନ୍ତ୍ର ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି । ଏହି ସହଭାଗିତା ଏୟାରଟେଲ୍‌ର ପ୍ୟାନ୍-ଇଣ୍ଡିଆ ନେଟ୍‌ୱର୍କ ପହଂଚ ଓ ଆପୋଲୋ ହସ୍ପିଟାଲର ଇଣ୍ଡଷ୍ଟ୍ରୀ ଲିଡିଙ୍ଗ୍ ଡିଜିଟାଲ ହେଲ୍‌ଥକେୟାର ପ୍ଲାଟ୍‌ଫର୍ମ ଆପୋଲୋ ୨୪/୭କୁ ଏକତ୍ରିତ କରି କୋଭିଡ୍-୧୯ ସଂକ୍ରମଣର ଚେନ୍‌କୁ ଭାଙ୍ଗିବା ଓ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି । ଆପୋଲୋ ୨୪/୭ ପକ୍ଷରୁ ଏହାର ଗ୍ରାହକମାନଙ୍କୁ ସେମାନଙ୍କର କୋଭିଡ୍-୧୯ ରିସ୍କ ପ୍ରୋଫାଇଲ ଯାଂଚ କରିବାକୁ ସକ୍ଷମ କରିବା ଲାଗି ଏୟାରଟେଲ୍ ଥ୍ୟାଙ୍କ୍‌ସ ଆପ୍‌ରେ ଏକ ମାଗଣା ଡିଜିଟାଲ ସେଲ୍ଫ-ଆସେସ୍‌ମେଂଟ୍ ଟେଷ୍ଟ ବା ଆତ୍ମ-ମୂଲ୍ୟାଙ୍କନ ପରୀକ୍ଷଣ ଶୁଭାରମ୍ଭ କରିଛି । ଆପୋଲୋ ୨୪/୭ ଦ୍ୱାରା ବିକଶିତ ଏହି ଟେଷ୍ଟ୍ କିଛି ସରଳ ପ୍ରଶ୍ନର ଉତର ଦେଇ ଉପଭୋକ୍ତାଙ୍କୁ ନିଜର କୋଭିଡ୍-୧୯ ରିସ୍କ ପ୍ରୋଫାଇଲ ଯାଂଚ କରିବାକୁ ଅନୁମତି ଦେବା ଲାଗି ଏଆଇ ଆଧାରିତ ପ୍ରଯୁକ୍ତି ବ୍ୟବହାର କରୁଛି । ଉପଭୋକ୍ତାଙ୍କ ପ୍ରତିକ୍ରିୟା ଉପରେ ଆଧାରିତ ଏହି ଡିଜିଟାଲ ଟୁଲ୍ ଏକ ରିସ୍କ ସ୍କୋର ଜେନେରେଟ୍ କରିଥାଏ ଏବଂ ପରବର୍ତୀ ସର୍ବୋତମ ପଦକ୍ଷେପର ପରାମର୍ଶ ଦେଇଥାଏ ଯେଉଁଥିରେ ଆପୋଲୋ ୨୪/୭ରେ ମାଗଣାରେ ଅନ୍‌ଲାଇନ୍ କନ୍‌ସଲ୍‌ଟେସନ, ଏହି ଆପ୍‌ରୁ କୋଭିଡ୍ ହେଲ୍ପଲାଇନ୍ ଡାଏଲ କରିବା, ନିଜର ଯତ୍ନ ନେବା ପାଇଁ ପରାମର୍ଶ, ସାମାଜିକ ଦୂରତା ନିୟମାବଳୀ ଓ ଡବ୍ଲ୍ୟୁଏଚ୍‌ଓ ଏବଂ




ଏମ୍‌ଓଏଚ୍‌ଏଫ୍‌ଡବ୍ଲ୍ୟୁ ଦ୍ୱାରା ସୁପାରିଶ କରାଯାଇଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷେଧକମୂଳକ ପଦକ୍ଷେପ ଆଦି ସାମିଲ ରହିଛି ।ଆପୋଲୋ ୨୪/୭ ମାଗଣା କୋଭିଡ୍ ହେଲ୍ପଲାଇନ୍‌ରେ ୧୦୦ରୁ ଅଧିକ ବିଶେଷଜ୍ଞ ଡାକ୍ତରମାନେ ପ୍ରଶ୍ନଗୁଡିକର ଉତର ଦେବା ସହ ଲୋକଙ୍କ ସନ୍ଦେହ ଦୂର କରୁଛନ୍ତି । ଏହି ଅଭିଯାନକୁ ଏୟାରଟେଲ୍‌ର ଲକ୍ଷ ଲକ୍ଷ ଗ୍ରାହକଙ୍କ ମନରେ କୋଭିଡ୍-୧୯କୁ ନେଇ ରହିଥିବା କୌଣସି ପ୍ରକାରର ଚିନ୍ତା ଓ ସନ୍ଦେହକୁ ଦୂର କରିବାରେ ସହଯୋଗ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭାରତୀ ଏୟାରଟେଲର ଏମ୍‌ଡି ଓ ସିଇଓ (ଭାରତ ଓ ଦକ୍ଷିଣ ଏସିଆ) ଗୋପାଲ ଭିଟ୍ଟଲ କହିଛନ୍ତିଯେ, ଏୟାରଟେଲ୍ ଥ୍ୟାଙ୍କ୍‌ସ୍ ଆପ୍ ଭାରତର ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଂଚିପାରିଛି ଏବଂ ଏହି ସ୍ୱତନ୍ତ୍ର ଟୁଲ୍ ମାଧ୍ୟମରେ ଆମେ କୋଭିଡ୍-୧୯ର ସଂକ୍ରମଣକୁ ରୋକିବାରେ ସହଯୋଗ କରିବାକୁ ଆଶା ରଖିଛୁ । ଏହି ଟୁଲ୍ ଉପଭୋକ୍ତାଙ୍କୁ ଏକ ଭାରତବ୍ୟାପୀ କୋଭିଡ୍-୧୯ ହିଟ୍ ମ୍ୟାପ୍ ମାଧ୍ୟମରେ ସେମାନଙ୍କ ଅଂଚଳର କୋଭିଡ୍-୧୯ ରିସ୍କ ପ୍ରୋଫାଇଲ ଯାଂଚ କରିବାକୁ ଅନୁମତି ଦେଉଛି ।" ଏସମ୍ପର୍କରେ ଆପୋଲୋ ହସ୍ପିଟାଲ୍ସ ଗ୍ରୁପର କାର୍ଯ୍ୟକାରୀ ଉପାଧ୍ୟକ୍ଷା ସୋବାନା କମିନେନି କହିଛନ୍ତିଯେ, "ମାଗଣା କୋଭିଡ୍-୧୯ ସ୍କାନ୍ ଏୟାଇ ଟୁଲ୍ ସହିତ ଦେଶବ୍ୟାପୀ ଏୟାରଟେଲ୍‌ର ଗ୍ରାହକମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଓ ସୁରକ୍ଷିତ ରହିବା ପାଇଁ ଉପଯୁକ୍ତ ତଥ୍ୟ ଓ ଆପୋଲୋର ସଂଶାଧନ ପାଇପାରିବେ ।" ଅନ୍ୟପକ୍ଷରେ ଏୟାରଟେଲ୍‌ର ଗ୍ରାହକମାନେ ଏବେ ଦେଶବ୍ୟାପୀ ୩୦୦୦ରୁ ଅଧିକ ଆପୋଲୋ ଫାର୍ମାସି ଷ୍ଟୋର୍‌ଗୁଡିକରେ ନିଜର ଏୟାରଟେଲ୍ କନେକ୍ସନକୁ ରିଚାର୍ଜ କରିପାରିବେ ।

# ଏନ୍‌ଏସ୍‌ଡିସିର ଇ-ସ୍କିଲ୍ ପୋର୍ଟାଲରେ ୪୦୦ରୁ ଅଧିକ ପାଠ୍ୟକ୍ରମ

ନୂଆଦିଲ୍ଲୀ : ଭାରତରେ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବ ବର୍ଗଙ୍କୁ କୁଶଳୀ କରାଇବା ପାଇଁ ଯୋଜନା ବଦ୍ଧ ଭାବେ ପ୍ରୟାସ ଆରମ୍ଭ ହୋଇଛି । ମାତ୍ର ସମ୍ପ୍ରତି କୋଭିଡ୍-୧୯ ସଂକ୍ରମଣ ଯୋଗୁ ସମଗ୍ର ବିଶ୍ୱରେ ପାଠପଢ଼ା ସହିତ ବହୁ କାର୍ଯ୍ୟ ବନ୍ଦ ରହିଛି । ଏପରିସ୍ଥଳେ ଡିଜିଟାଲ ଲର୍ଣ୍ଣିଂ ପ୍ରତି ଶିକ୍ଷାର୍ଥୀ ଆକୃଷ୍ଟ ହେଉଛନ୍ତି । ତେଣୁ ଏବେ ଏନ୍‌ଏସ୍‌ଡିସିର ଇ-ସ୍କିଲ୍ ଇଣ୍ଡିଆ ପୋର୍ଟାଲରେ ୪୦୦ରୁ ଅଧିକ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଛି । ଏସବୁ ଇ-ପାଠ୍ୟକ୍ରମ ଇଂଲିଶ୍ ସ୍କୋର, ଏସ୍‌ଏଏସ୍ ଇଣ୍ଡିଆ, ଆମେରିକାର ସେଲର ଏକାଡେମୀ ଏବଂ ଅପଗ୍ରାଡ୍ ଆଦି ପକ୍ଷରୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି ।ଇ-ସ୍କିଲ୍ ଇଣ୍ଡିଆ ପକ୍ଷରୁ ଭର୍ଚ୍ୟୁଆଲ୍ ଲର୍ଣ୍ଣିଂ ଏବଂ ରିମୋଟ କ୍ଲାସ୍ ରୁମ୍ ସୁବିଧା ଉପଲବ୍ଧ କରାଇବାକୁ ସକ୍ଷମ ହେବ ।ଏହି ଅବସରରେ ଜାତୀୟ ଦକ୍ଷତା ବିକାଶ କର୍ପୋରେଶନ ଏମ୍‌ଡି ଏବଂ ସିଇଓ ଡ. ମନୀଶ କୁମାର କହିଲେ, " ସମ୍ପ୍ରତି ଦେଖାଦେଇଥିବା ଅନିଶ୍ଚିତ ସମୟରେ ପାଠପଢ଼ା ଜାରି




ରଖିବା ପାଇଁ ଅନ୍‌ଲାଇନ୍ ଏକ ବିକଳ୍ପ ଭାବେ ଉଭା ହୋଇଛି । ତେଣୁ ସେଲଫ୍ ଲର୍ଣ୍ଣିଂ ସୁବିଧା ସହିତ ଉଚ୍ଚଗୁଣାବର୍ତାଯୁକ୍ତ ଚିକିସ୍ତାର ଆବଶ୍ୟକତା ରହିଛି । ଏନେଇ ବହୁ ନଲେଜ୍ ପ୍ରୋଭାଇଡର ସହିତ ଆମେ ମିଳିତ ଭାବେ କାର୍ଯ୍ୟ କରୁଛୁ ।ଏନ୍‌ଏସ୍‌ଡିସି ବ୍ରିଟିଶ୍ କାଉସିଲ୍‌ର ଇଂଲିଶ୍ ସ୍କୋର୍ ଆପ୍ ସହିତ ମିଳିତ ହୋଇ ବିଶ୍ୱସ୍ତରୀୟ ଇଂଲିଶ୍ ଭାରତୀୟ ଯୁବବର୍ଗଙ୍କୁ ଉପଲବ୍ଧ କରାଇବାକୁ ସକ୍ଷମ । ଏହା ୧ ଲକ୍ଷ ମାଗଣା ପ୍ରମାଣ ପତ୍ର ଭାରତୀୟ ଯୁବବର୍ଗଙ୍କୁ ପ୍ରଦାନ କରିବାକୁ ଚୁକ୍ତିବଦ୍ଧ । ସେହିପରି ୱାଶିଂଟନ ଡିସି ସ୍ଥିତ ସେଲର ଏକାଡେମୀ ସହିତ ମିଳିତ ହୋଇ ଏନ୍‌ଏସ୍‌ଡିସି ଭାରତୀୟ ଯୁବବର୍ଗଙ୍କୁ ବେଲେଭ୍ୟୁ, ବେଥେଲ୍,ବ୍ରାଣ୍ଡାନ୍, କ୍ୟାଥଲିକ୍, କୋଲୋରାଡୋ, ସଦର୍ନ ନ୍ୟୁ ହାମ୍ପିଶେଏର,ଥୋମାସ୍ ଏଡିସନ୍, ମାରିଲ୍ୟାଣ୍ଡ ଆଦି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାଦାନ କରାଯାଇପାରିବ । ଏସ୍‌ଏଏସ୍ ସହିତ ମିଳିତ ହୋଇ ଇ-ସ୍କିଲ୍ ଇଣ୍ଡିଆ ପକ୍ଷରୁ ଡାଟା ଆନାଲିଟିକ୍ସ, ମେସିନ୍ ଲର୍ଣ୍ଣିଂ, ପ୍ରିଡେକ୍ଟିଭ୍ ମଡେଲିଙ୍ଗ୍,ଷ୍ଟାଟିକାଲ୍ ବିଜନେସ୍ ଆନାଲିଟିକ୍ସ ଆଦି ଉପରେ ଶିକ୍ଷାଦାନ କରାଯିବ । ଏହା ଆଇଟି, ରିଟେଲ୍ ଫାର୍ମା,ବ୍ୟାଙ୍କିଂ ଏବଂ ଫାଇନାନ୍ସ, ମାନ୍ୟୁଫାକଚରିଂ ଆଦି ଶିଳ୍ପ କ୍ଷେତ୍ରରେ ବେଶ୍ ଉପଯୋଗୀ ହୋଇପାରିବ । ୱାଧୱାନି ଫାଉଣ୍ଡେଶନ ସହିତ ମିଳିତ ହୋଇ ଏନଏସ୍‌ଡିସି ପକ୍ଷରୁ ଭାରତୀୟ ଯୁବବର୍ଗଙ୍କୁ ନିର୍ଦ୍ଦିଷ୍ଟ ଦକ୍ଷତା ଏବଂ ଉଦ୍ୟୋଗିକ ବିକାଶ କାର୍ଯ୍ୟ ଏହି ପୋର୍ଟାଲ ଦ୍ୱାରା ସମ୍ପନ୍ନ ହୋଇପାରିବ । ଏହି ପୋର୍ଟାଲ୍ ସହାୟତାରେ ଘରେ ରହି କାମ ସମ୍ପନ୍ନ ହେବା ସହିତ ଏନରୋଲ୍ କରାଯାଇ ପାରିବ । ଏନେଇ ଏନ୍‌ଏସ୍‌ଡିସି ପକ୍ଷରୁ ଅମ୍ରିତା ବିଶ୍ୱବିଦ୍ୟାଳୟ,ସେଲଫୋର୍ସ, ଏସ୍‌ଏଏସ୍, ୱାଧୱାନି ଫାଉଣ୍ଡେଶନ, ସେଲର ଏକାଡେମୀ, ଟିସିଏସ୍ ଆୟନ, ବେଟ୍ଟ୍ୟୁ ୟୁ, ଆପୋଲୋ ମେଡ୍ ଭାରସିଟି, ଆଇ-ପ୍ରାଇମଡ୍, ଲିକ୍ ଭିଡ୍ ଇଂଲିଶ୍ ଏଡଜ୍, ଫେୟାର ଆଣ୍ଡ ଲଭ୍‌ଲି ଫାଉଣ୍ଡେଶନ, ଆଇବିଏମ୍ ସ୍କିଲ୍ ଆଦି ସହିତ ମିଳିତ ଭାବେ କାର୍ଯ୍ୟ ଜାରି ରହିଛି ।

# ସ୍ପିଡ ପୋଷ୍ଟ ଜରିଆରେ ଔଷଧ ଯୋଗାଣ

ଭୂବନେଶ୍ୱର: ଲକଡାଉନ ସମୟରେ ସ୍ପିଡ ପୋଷ୍ଟ ଜରିଆରେ ଔଷଧ ଯୋଗାଣ ସୁନିଶ୍ଚିତ କରିବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେବା ଲାଗି ଡାକ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସଂଚାର, ନ୍ୟାୟ ଓ ଆଇନ, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ରବିଶଙ୍କର ପ୍ରସାଦ । ଏକ ଟ୍ୱିଟ ଜରିଆରେ ସୂଚନା ଦେଇ ସଂଚାର ମନ୍ତ୍ରୀ ଶ୍ରୀ ପ୍ରସାଦ ଉଲ୍ଲେଖ କରିଛନ୍ତି ଯେ ଡାକ ବିଭାଗର ସମସ୍ତ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଯାହାଫଳରେ ସେମାନେ ଔଷଧ ପଠାଇବା ଏବଂ ଗ୍ରହଣ କରିବାରେ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ସାରା ଦେଶରେ ଥିବା ସମଗ୍ର ପୋଷ୍ଟାଲ ନେଟ୍‌ୱର୍କକୁ ଏଥିପାଇଁ ସକ୍ରିୟ କରାଯାଇଛି । ଏହି ଉଦ୍ଦେଶ୍ୟ ଲାଗି ଆନ୍ତଃରାଜ୍ୟ ଏବଂ ରାଜ୍ୟ ଭିତରେ ଡାକ ପରିବହନ ଲାଗି ବ୍ୟବସ୍ଥା କରାଯାଇଛି । ଜରୁରି ଔଷଧ, କୋଭିଡ-୧୯ ଟେଷ୍ଟିଂ କିଟ, ଚିକିତ୍ସା ସରଞ୍ଜାମକୁ ସଠିକ ଠିକଣାରେ ପହଁଚାଇବା ଲାଗି ନାଲି ରଙ୍ଗର ଡାକ ଭ୍ୟାନ ଏବଂ ସଡ଼କ ପରିବହନ ନେଟ୍‌ୱର୍କ ନିରନ୍ତର ସେବା ଯୋଗାଇ ଆସୁଛନ୍ତି । ବିଭିନ୍ନ ଔଷଧ ଉତ୍ପାଦକମାନଙ୍କ ସହିତ ମିଶି ଡାକ ବିଭାଗ ପକ୍ଷରୁ ଔଷଧ ଏବଂ ଚିକିତ୍ସା ସରଞ୍ଜାମର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରାଯାଉଛି । ଡାକ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଏଥିପାଇଁ ଦିନରାତିରେ କାର୍ଯ୍ୟ କରୁଛନ୍ତି ।

# କରୋନା ଭାଇରସ୍ ଟିକା ବିକଶିତ କରିବା ପାଇଁ ଆଇଆଇଏଲ ଏବଂ ଗ୍ରିଫିଥ ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆ ମିଳିତ ସହଯୋଗରେ କାର୍ଯ୍ୟ କରୁଛି

ଭୁବନେଶ୍ୱର: ରାଷ୍ଟ୍ରୀୟ ଡ଼ାଇରୀ ବିକାଶ ବୋର୍ଡ଼(ଏନଡିଡିବି) ର ସହାୟକ ସଂସ୍ଥା ଇଣ୍ଡିଆନ୍ ଇମ୍ୟୁନୋଲୋଜିକାଲ ଲିମିଟେଡ୍(ଆଇଆଇଏଲ), ହାଇଦ୍ରାବାଦ କରୋନା ଭାଇରସ୍(କୋଭିଡ଼-୧୯) ଟିକା ପ୍ରସ୍ତୁତ କରିବା ପାଇଁ ଅଷ୍ଟ୍ରେଲିଆର ଗ୍ରିଫିଥ ବିଶ୍ୱବିଦ୍ୟାଳୟ ସହିତ ମିଳିତ ହୋଇ କାର୍ଯ୍ୟ କରୁଛି ।

ଏହି ଅବସରରେ ଏନଡିଡିବି ଏବଂ ଆଇଆଇଏଲର ଅଧକ୍ଷ ଶ୍ରୀ ଦିଲୀପ ରଥ ସୂଚନା ଦେଇଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ତ ମହାଦ୍ୱୀପୀୟ ସହଯୋଗରେ ଆଇଆଇଏଲ ଏବଂ ଗ୍ରିଫିଥ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଡ଼ି-ଅପ୍ଟିମାଇଜେସନ୍ ଟେକ୍ନୋଲୋଜି ବ୍ୟବହାର କରି ମିଳିତ ଭାବରେ ଲାଇଭ ଆଟେନୁଏଟେଡ଼ ଏସଏଆରଏସ-କୋଭି-୨ ଟିକା କିମ୍ବା କୋଭିଡ଼୍-୧୯ ଟିକା ବିକଶିତ କରିବେ ।ବର୍ଦ୍ଧିତ ସୁରକ୍ଷା ପ୍ରୋଫାଇଲ ସହିତ ମନୁଷ୍ୟରେ କରୋନା ଭାଇରସ୍ ବିରୁଦ୍ଧରେ ପ୍ରୋଫାଇଲାକ୍ଟିକ୍, ସକ୍ରିୟ ଏକକ ଡ଼ୋଜ୍ ପ୍ରତିରୋପଣ ପାଇଁ ଏକ ଟିକା ବିକଶିତ କରିବା ପାଇଁ ଏହି ଟେକ୍ନୋଲୋଜି



ପ୍ରଭାବକାରି ଦେଖାଯାଉଛି । ଏହି ଟିକା ଦୀର୍ଘସ୍ଥାୟୀ ସୁରକ୍ଷା ଯୋଗାଇବ ବୋଲି ଆଶା କରାଯାଉଛି । ଅନୁସନ୍ଧାନ ସମାପ୍ତ ହେବା ପରେ , ଟିକା ଆଇଆଇଏଲ କୁ ସ୍ଥାନାନ୍ତରିତ ହେବ ଏବଂ ଟିକା ନିର୍ମାତା ସେହି ଦେଶର ନିୟାମକ ଅନୁଯାୟୀ ସେଂଟ୍ରାଲ ଡ୍ରଗ୍ ଷ୍ଟାଣ୍ଡାର୍ଡ଼ କଂଟ୍ରୋଲ ଅର୍ଗନାଇଜେସନ୍(ସିଡ଼ିଏସ୍‌ସିଓ) ସହିତ କାର୍ଯ୍ୟ କରିବେ- ଯାହା କ୍ଲିନିକାଲ ପରୀକ୍ଷାକୁ ପର୍ଯ୍ୟାୟକ୍ରମେ ନିଆଯିବ । ଟିକା ବିକଶିତ କରିବା ପାଇଁ ଶ୍ରୀ ରଥ ପ୍ରାୟ ୧୨-୧୮ ମାସର ଏକ ସମୟସୀମା ଦେଇଥିଲେ, ନିୟାମକ ଆବଶ୍ୟକତା ଅନୁଯାୟୀ ଏହା ପଶୁ ଏବଂ ମନୁଷ୍ୟଙ୍କ ଉପରେ ଅନେକ ପରୀକ୍ଷା ଦେଇ ଗତି କରିବାକୁ ପଡିବ ।

ସେ ଆହୁରି କହିଛନ୍ତି ଯେ ଏକକ ସ୍ୱାସ୍ଥ ପଦକ୍ଷେପକୁ ସମର୍ଥନ କରୁଥିବା ଟିକା ର ବିକାଶ ଏବଂ ଯୋଗାଣ ହେଉଛି ଆଇଆଇଏଲ୍‌ର ଲକ୍ଷ୍ୟ । ଆଇଆଇଏଲ୍ ଉଚ୍ଚମାନର ଏବଂ ସୁଲଭ ଟିକା ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଆଇଆଇଏଲ୍, ବିଶ୍ୱର ପାଦ ଏବଂ ମୁଖ ରୋଗ ଟିକା ଉତ୍ପାଦନକାରୀନାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ମନୁଷ୍ୟଙ୍କ ପାଇଁ ପ୍ୟୁରୀଫାଇଡ଼ ଭେରୋ ସେଲ୍ ରେବିସ ଭ୍ୟାକସିନ (ପିଭିଆର୍‌ଭି) ଆରମ୍ଭ କରିବାରେ ଭାରତରେ ପ୍ରଥମ କମ୍ପାନୀ ଅଟେ ।ଗବେଷଣା ସହଯୋଗ ବିଷୟରେ ପ୍ରଫେସର ସୁରେଶ ମାହାଲିଙ୍ଗମ୍, ମେନଜିସ୍ ହେଲଥ୍ ଇନଷ୍ଟିଚ୍ୟୁଟ କୁଇନ୍‌ସଲ୍ୟାଣ୍ଡ, ଗ୍ରିଫିଥ ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆ କହିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ଟିକା ପାଇଁ ଆଇଆଇଏଲ୍ ସହିତ ମିଳିତ ଭାବରେ କାର୍ଯ୍ୟ କରୁଥିବରୁ ଆମେ ବେଶ ଉତ୍ସାହିତ ।



# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK




Bhubaneswar Sunday, April 19,2020 ଭୁବନେଶ୍ୱର ରବିବାର ଅପ୍ରେଲ ୧୯,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ବିଜୁବାବୁଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୭୮ ୟୁନିଟ ରକ୍ତ ସଂଗୃହୀତ

**ବାରିପଦା,(ପିଏନ)-** ନବ ଉତ୍କଳର ନିର୍ମାତା ବିଶିଷ୍ଟ ଜନନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ବାରିପଦା ମେଡ଼ିକାଲ ପରିସରରେ ଥିବା ରେଡ଼କ୍ରସ ରକ୍ତଭଣ୍ଡାରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ତଥା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୭୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଓଡ଼ିଶା କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲ୍ଲା ବିଜେଡ଼ିର କାର୍ଯ୍ୟକାରୀ ସଭାପତି ଦେବାଶିଷ ମାର୍ଣ୍ଡି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରାଜ କିଶୋର ଆଚାର୍ଯ୍ୟ, ବିଜୁ ଯୁବ ଜନତା ଦଳର ଜୋନାଲ ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ଜିଲ୍ଲା ବିଜେଡ଼ି ଉପସଭାପତି ଆଦିତ୍ୟ କୁମାର ପଣ୍ଡା, ଅନନ୍ତ ଦାସ, କୃଷ୍ଣ ଚନ୍ଦ୍ର ଦାସ, ସୁନୀଲ ଦାଶ, ପ୍ରଭାତ କୁମାର ମହାନ୍ତି, ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ରହି ସାମାଜିକ ଦୂରତା ପ୍ରତି ସତର୍କ ଦୃଷ୍ଟି ଦେଇ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରାଇଥିଲେ । ନାରୀ ନେତ୍ରୀ ସୀମା ଦାସ, ପ୍ରଭାତୀ ପୃଷ୍ଟି, ଶାନ୍ତ୍ୱନା ସାହୁ, ଯୁବ ନେତା ଅରୁଣ ବରାଡ଼, ସୁନୀଲ ନାୟକ, ସରୋଜ କୁମାର ବୋଷ, ଦିବ୍ୟବ୍ରତ ମହାନ୍ତି, ଶରତ ମୁର୍ମୁ, ସୌମ୍ୟ ରଞ୍ଜନ ମୁଦୁଲି, ମନୀଷ ବେହେରା, ଜାଫର ହୁସେନ, ଆଦିତ୍ୟ ଭଞ୍ଜଦେଓ, ଶାଶ୍ୱତ ନାୟକ, ଆଶୀର୍ବାଦ ଦାସ, ରାଜାଧର ମହାପାତ୍ର, ବରୁଣ ସାହୁ, ସରୋଜ ମହାକୁଡ଼, ସୁଧୀର ବାରିକ୍, ଦୈପାନ ବେହେରା, ଅଭିରାମ ଦାସ, ଆୟୁଷ ଦାସ, ପ୍ରଦୀପ ତନ୍ମୟ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାନ କରିବା ସଙ୍ଗେ ସଙ୍ଗେ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

## ଖଡିଆଳରେ ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

**ନୂଆପଡା, (ପିଏନ୍)-** ନୂଆପଡା ଜିଲ୍ଲା ଖଡିଆଳ ବିଜୁ ଜନତା ଦଳ ତରଫରୁ ଆଜି ବିଜୁ ପଟ୍ଟନାୟକଙ୍କ ୨୩ ତମ ଶ୍ରାଦ୍ଧ ବାର୍ଷିକୀ ନିରାଡମ୍ବର ଓ ସାମାଜିକ ଦୂରତା ରକ୍ଷା କରି ସହରର ୮ ନଂ ୱାର୍ଡର କ୍ଲବ ଗୃହରେ ପାଳନ କରାଯାଉଛି । ଏହି ଅବସରରେ ନଗର ସଭାପତି ଦୀପକ ଖମାରୀ, ବ୍ଲକ ସଭାପତି ସନ୍ତୋଷ ବିଶି, ରାଜ୍ୟ ପରିଷଦ ସଦସ୍ୟ ଚିତରଞ୍ଜନ ବେହେରା, ବଲାଙ୍ଗିର ଜୋନ୍ ଯୁବ ଉପସଭାପତି ଶିବିର ସିଂଦେଓ, ବୃହସ୍ପତ ସିଂବାବୁ, ଗିରିଧାରୀ ହଂସ, ପ୍ରବୀଣ ପ୍ରଧାନୀ, ବିଷ୍ଣୁ ଶବର, ନିକୁଞ୍ଜ ମହାଉତୀ, ମଧୁ ହଂସ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ଜନସାଧାରଣଙ୍କୁ ମାକ୍ସ ବଂଟନ କରାଯାଇଥିଲା ।

## ଚଳିତ ବର୍ଷ ଜିଡିପି ଅଭିବୃଦ୍ଧି ହାର ୧.୯ ପ୍ରତିଶତ ରହିବାର ଅନୁମାନ: ଶକ୍ତିକାନ୍ତ ଦାସ

**ନୂଆଦିଲ୍ଲୀ, (ପିଏନ)-** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କରୋନା ଭାଇରସ୍ କାରଣରୁ ଜାରି ଲକଡାଉନ ପ୍ରଭାବର ଦେଶର ଅର୍ଥବ୍ୟବସ୍ଥାକୁ ବଂଚାଇବା ପାଇଁ ଅନେକ ରିଲିଫ ଉପାୟ ଘୋଷଣା କରିଛନ୍ତି । ଆରବିଆଇ ଗଭର୍ଣ୍ଣର ରେପୋ ରେଟରେ କୌଣସି ହ୍ରାସ କରି ନାହାନ୍ତି ମାତ୍ର ରିଭର୍ସ ରେପୋ ରେଟରେ ୦.୨୫ କମାଇ ୩.୭୫ ପ୍ରତିଶତ କରିଛନ୍ତି । ରିଭର୍ଭ ବ୍ୟାଙ୍କର ଗଭର୍ଣ୍ଣର ଆର୍ଥିକ ବର୍ଷ ୨୦୨୦-୨୧ରେ ସକଳ ଘରୋଇ ଉତ୍ପାଦ(ଜିଡିପି)ର ଅଭିବୃଦ୍ଧି ହାର ୧.୯ ପ୍ରତିଶତ ରହିବ ବୋଲି ଅନୁମାନ କରିଛନ୍ତି ।ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ରିଭର୍ସ ରେପୋ ରେଟ୍ ୦.୨୫ ପ୍ରତିଶତ ହ୍ରାସ କରି ୩.୭୫ ପ୍ରତିଶତ କରିଛନ୍ତି । ନାବାର୍ଡ, ସିଡବି ଓ ନ୍ୟାସନାଲ ହାଉସିଂ ବ୍ୟାଙ୍କ ପାଇଁ ରିଲିଫ ଘୋଷଣା କରାଯାଇଛି । ଏହି ସବୁ ବ୍ୟାଙ୍କକୁ ୫୦ ହଜାର କୋଟି ଟଙ୍କାର ସହାୟତା ରାଶି ଦେବାର ଘୋଷଣା ହୋଇଛି । ନାବାର୍ଡକୁ ସ୍ପେଶାଲ ରିଫାଇନେନ୍ସ ଆଧାରରେ ୨୫ ହଜାର କୋଟି ଟଙ୍କା ସହାୟତା ମିଳିବ ।ଏହା ସହିତ ଆରବିଆଇ କହିଛି ଯେ, ଏଲଟିଆରଓର ଅର୍ଥରୁ ବ୍ୟାଙ୍କ ବିଭିନ୍ନ ଏନବିଏଫସି କରନ୍ତୁ । ନାବାର୍ଡ, ସିଡବି ଓ ନ୍ୟାସନାଲ ହାଉସିଂ ବ୍ୟାଙ୍କ ପାଇଁ ଆରବିଆଇ ରିଲିଫ ଘୋଷଣା କରିଛି । ଏଟିଏମ ୯୧ ପ୍ରତିଶତ କ୍ଷମତା ସହିତ କାମ କରୁଛି ।

## ସାମାଜିକ ଦୂରତ୍ୱ ଏବଂ ମାର୍ଗଦର୍ଶିକା ଅନୁସାରେ ରବିଧାନ ସଂଗ୍ରହ କରାଯିବ :ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)-** କରୋନା ଭୂତାଣୁ ସଂକ୍ରମଣ(କୋଭିଡ-୧୯)କୁ ମୁକାବିଲା କରିବା ପାଇଁ ଓଡ଼ିଶା ସମେତ ସାରା ଦେଶରେ ଲକ୍ ଡାଉନ୍ ଜାରି କରାଯାଇଥିବାବେଳେ ଚଳିତ ରବିଧାନ ସଂଗ୍ରହ କାର୍ଯ୍ୟ ଯେପରି ସାମାଜିକ ଦୂରତ୍ୱ ଓ ମାର୍ଗଦର୍ଶୀକା ଅନୁପାଳନ କରି ତ୍ୱରାନ୍ୱିତ ହୋଇପାରିବ ସେଥିନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଆଜି ଏହି ମର୍ମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏକ ବିସ୍ତୃତ ମାର୍ଗଦର୍ଶିକା ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ନିକଟକୁ ପ୍ରେରଣ କରାଯାଇଛି । କୋଭିଡ-୧୯ ପରିସ୍ଥିତିରେ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ପାଇଁ ଏବଂ ଗହଳି ଏଡ଼ାଇବା ପାଇଁ ପର୍ଯ୍ୟାପ୍ତ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବା ଓ ଏଗୁଡ଼ିକରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ବିଶେଷ ଦୃଷ୍ଟି ଦେବା ପାଇଁ କୁହାଯାଇଛି । ଖରିଫ ଧାନ ସଂଗ୍ରହ କ୍ଷେତ୍ରରେ ପ୍ରଚଳନ କରାଯାଇଥିବା ଅନଲାଇନ୍ ଟୋକେନ୍ ବ୍ୟବସ୍ଥା ରବିଧାନ ସଂଗ୍ରହ କ୍ଷେତ୍ରରେ ମଧ୍ୟରେ କାର୍ଯ୍ୟକାରୀ କରାଯିବ । ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଧାନ ସଂଗ୍ରହ କେନ୍ଦ୍ରରେ ସମସ୍ତ ଚାଷୀ, ପ୍ରାଥମିକ କୃଷି ସମବାୟ ସମିତିର ଅଧିକାରୀ, ମିଲର କିମ୍ବା ସେମାନଙ୍କର ପ୍ରତିନିଧି ଏବଂ କାର୍ଯ୍ୟରତ ଶ୍ରମିକମାନେ କଡ଼ାକଡ଼ି ଭାବରେ ଅନୁପାଳନ କରିବେ ।

ଗହଳି ଏଡ଼ାଇବା ପାଇଁ କୌଣସି କେନ୍ଦ୍ରରେ ଦୈନିକ ୩୦ଜଣରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ ନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୧୦ଜଣ ଚାଷୀ କେନ୍ଦ୍ରକୁ ଧାନ ନେଇ ଆସିବେ । ଆବଶ୍ୟକସ୍ଥଳେ ଅଧିକ ମଣ୍ଡି ଖୋଲାଯାଇ ପାରିବ । ପ୍ରତ୍ୟେକଙ୍କ ବ୍ୟବହାର ନିମନ୍ତେ କେନ୍ଦ୍ରଗୁଡ଼ିକରେ ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧ ହେବ । ପ୍ରତ୍ୟେକ ଦିନ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ କାର୍ଯ୍ୟ କରାଯିବ । କୌଣସି କ୍ଷେତ୍ରରେ ମଣ୍ଡିରେ ଗହଳି ହେବ ନାହିଁ । ଯଦି କୌଣସି କେନ୍ଦ୍ର ଗହଳି ଏଡ଼ାଇବାକୁ ବିଫଳ ହୁଏ ତେବେ ସେହି କେନ୍ଦ୍ରରେ ଧାନ ସଂଗ୍ରହ କରିବାକୁ ଅନୁମତି ଦିଆଯିବ ନାହିଁ । ଅପରାହ୍ନରେ କଷ୍ଟମ୍ ମିଲରମାନଙ୍କ ଦ୍ୱାରା ଧାନ ଉଠାଣ କରାଯିବ । ଚାଷୀମାନଙ୍କ କ୍ଷେତ୍ରରେ ଆଇରିସ ସ୍କାନ୍‌ର ବ୍ୟବହାର ସମୟରେ ପ୍ରତ୍ୟେକ ଥର ଏହାକୁ ସାନିଟାଇଜ୍ କରାଯିବ । ଏଥିନିମନ୍ତେ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରକୁ ପର୍ଯ୍ୟାପ୍ତ ପରିମାଣର ସାନିଟାଇଜ୍ ଯୋଗାଇ ଦିଆଯିବ ।

## ବିଧବା ବୃଦ୍ଧାଙ୍କୁ ମିଳୁନି ରାସନ ସାମଗ୍ରୀ

**ଧର୍ମଶାଳା,(ପିଏନ)-** ରାଜ୍ୟରେ କରୋନା କଟକଣା ସମୟ ସୀମା ବୃଦ୍ଧି ପାଇଛି । ଫଳରେ ଦିନ ମଜୁରିଆ ଓ ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ଲୋକେ କାମଧନ୍ଦ ନ ପାଇ ଘରେ ବସିଛନ୍ତି । ମହଜୁଦ ଥିବା ଖାଦ୍ୟକୁ ଖାଇ ସାରିଲେଣି । ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ସହ ୧ ହଜାର ଟଙ୍କା ପ୍ରଦାନ କରିଛନ୍ତି । ହେଲେ ଅନେକ ଲୋକଙ୍କର କାର୍ଡ ଥାଇ ସୁଦ୍ଧା ସେମାନେ ଏହି ସାମଗ୍ରୀ ପାଇବାରୁ ବଂଚିତ ହୋଇଛନ୍ତି । ଜଣେ ବିଧବା ମହିଳାଙ୍କର କାର୍ଡ ଥାଇ ରାସନ ସାମଗ୍ରୀ ପାଇବାରୁ ବଂଚିତ ହୋଇଛନ୍ତି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତ ବନ୍ଧଡିହ ଗ୍ରାମର ଗେହ୍ଲି ମଳିକଙ୍କ କ୍ଷେତ୍ରରେ । ସ୍ୱାମୀ ମରିଯିବା ପରେ ପୁଅ ବୋହୂଙ୍କଠାରୁ ଅଲଗା ରହୁଥିବା ଗେହ୍ଲି ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି । ଗେହ୍ଲିଙ୍କୁ ଏବେ ବୟସ ୭୪ ହେଲାଣି । ପୂର୍ବରୁ ଗେହ୍ଲିଙ୍କ ପରିବାରକୁ ରାସନ କାର୍ଡ ମିଳିଥିଲା । ସେମାନଙ୍କୁ ୭ ମାସ ହେଲା ରିଟେଲର ସମସ୍ତ ସାମଗ୍ରୀ ଦେଉଥିଲେ । ହେଲେ ଏବେ ଗେହ୍ଲିଙ୍କଠାରୁ ପୁଅ ବୋହୂ ଅଲଗା ହେବା ପରେ ସେମାନଙ୍କ ନାମରେ କାର୍ଡ ରହିଥିବାରୁ ଏହି ରାସନ ସାମଗ୍ରୀ ପାଇବାରୁ ବଂଚିତ ହୋଇଛନ୍ତି ଗେହ୍ଲି । ଏବେ ମଧ ତାଙ୍କର ରାସନ କାର୍ଡ ଅଛି । ରିଟେଲର ବାରମ୍ବାର ତାଙ୍କୁ ଆଜିକାଲି କହି ରାସନ ସାମଗ୍ରୀ ଦେଉନଥିବା ସେ ଅଭିଯୋଗ କରିଛନ୍ତି । ଜଣେ ବିଧବା ବୃଦ୍ଧାଙ୍କୁ ଏହି ସାମଗ୍ରୀ ନ ମିଳିଲେ ସେ କେଉଁଠୁ ଆଣି ଖାଇବେ ବୋଲି ପ୍ରକାଶ କରିଛନ୍ତି । ଏହାର ତୁରନ୍ତ ସମାଧାନ କରିବାକୁ ସେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି ।

## ଆକ୍ସନ ମୁଡ୍ ରେ ଜିଲା ପ୍ରଶାସନ

**ଧର୍ମଶାଳା,(ପିଏନ)-** ଆକ୍ସନ ମୁଡରେ ଯାଜପୁର ଜିଲ୍ଲା ପ୍ରଶାସନ । ସାରା ଦେଶରେ ମହାମାରୀ କରୋନାକୁ ନେଇ ସରକାର ଚିନ୍ତିତ ଥିବା ବେଳେ ଲୋକମାନଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଉଛନ୍ତି । ଆବ୍ୟଶ୍ୟକ ପଡିଲେ ମାକ୍ସ ପିନ୍ଧି ଘରୁ ବାହାରି ଯିବା ସହିତ ସାମାଜିକ ଦୂରତାକୁ ଅବଲମ୍ବନ କରିବାକୁ ବାରମ୍ବାର ପରାମର୍ଶ ଦିଆଯାଉଛି । ତଥାପି କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରଙ୍କ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରି ବାହାରେ ଅଯଥାରେ ବୁଲୁଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ ହେଉଛି । ଆଜି ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପ-ଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଯାଜପୁର ଜିଲା ବଡଚଣା ଥାନା ଅଧିନସ୍ଥ ଦର୍ପଣ ତହସିଲ ଅନ୍ତର୍ଗତ ଦର୍ପଣଗଡ ବଜାର ପରିକ୍ରମା କରିଥିଲେ । ଏହି ସମୟରେ ଦର୍ପଣଗଡ ବଜାରରେ କିଛି ଅନାବଶ୍ୟକୀୟ ଦୋକନ ଖୋଲା ଥିବା ଦେଖି ସେଗୁଡିକୁ ଉପରେ ଚଢ଼ଉ କରିଥିଲେ । ଗୋଟିଏ ସେଲୁନ୍, ଗୋଟିଏ ଜଳଖିଆ ଦୋକାନ ଓ ଗୋଟିଲ ଲେଡିସ କର୍ଣ୍ଣର ଦୋକାନ ଉପରେ ଚଢ଼ଉ କରି ସିଲ୍ କରିଦେଇଥିଲେ । ନିୟମକୁ ଉଲ୍ଲଙ୍ଘନ କରି ଦୋକାନ ଖୋଲିଥିବା ଦୋକାନୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଛନ୍ତି ।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ

**ଧର୍ମଶାଳା,(ପିଏନ)-** କରୋନା ମହାମାରୀ ସାରା ଦେଶରେ ତାହାର କାୟା ବିସ୍ତାର କରିଛି । ଆମ ରାଜ୍ୟରେ ମଧ ଏହି କରୋନା ଭାଇରସ୍ ଅନେକଙ୍କର ମୁଣ୍ଡ ନେଲାଣି । ଏହାର ମୁକାବିଲା ନିମନ୍ତେ ଅର୍ଥର ଆବଶ୍ୟକତା ରହିଛି । ଏହି ଅବସରରେ ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୩ ତମ ଶ୍ରାଦ୍ଧ ଦିବସ ଅବସରରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅମଠପୁର ପଂଚାୟତର ସାମାଜିକ କର୍ମୀ ତଥା ପଂଚାୟତ ବିଜେଡି ସଭାପତି ବ୍ରଜ କିଶୋର ଭଞ୍ଜ ମହାମାରୀ କରୋନା ମୁକାବିଲା ନିମନ୍ତେ ବରୀ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ସ୍ଥାନୀୟ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଦାବୀ

**ନୂଆପଡା, (ପିଏନ)-**ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଚାଂୟତର ବଙ୍କାପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମକୁ ନିକଟସ୍ଥ ସୁନ୍ଦର ନଦୀରୁ ଜଳ ଯୋଗାଣର ବ୍ୟବସ୍ଥା ଥିଲେ ମଧ ପାଇପ୍ ଫାଟି ପାଣି ଲିକ୍ ହେଉଥିବାରୁ ଗାଁକୁ ପାଣି ପହଂଚି ପାରୁନାହିଁ । ଏନେଇ ଗ୍ରାମବାସୀ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଜଣାଇବାରୁ କନିଷ୍ଠଯନ୍ତ୍ରୀ ରୋବର୍ଟ ପ୍ରଧାନ ଉକ୍ତ ସ୍ଥାନକୁ ଆସି ବିଭାଗୀୟ ଠିକାଦାର ଯଯାତି ମେହେର ଓ ଖାସବାହାଲ ସରପଂଚଙ୍କ ସ୍ୱାମୀ ପ୍ରେମଲାଲ ବାଗଙ୍କ ସହ ତଦନ୍ତ କରିଥିଲେ । ତଦନ୍ତ ପରେ ମଧ କେଉଁ ସ୍ଥାନରେ ପାଣି ପାଇପ ଫାଟିଛି ଜାଣି ପାରିନଥିଲେ । ଲକ୍ ଡାଉନ ସରିବା ପରେ ଏହାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପାଇପ୍ ଲାଇନ ସଜଡା ଯିବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରିବାକୁ ଗ୍ରାମବାସୀ କୁନୁ ଚରଣ ବେହେରା, କୁନାଲ ଚରଣ ବେହେରା, ଯୋଗେନ୍ଦ୍ର ବେହେରା, ଡୋଳକୃଷ୍ଣ ବେହେରା, ରାମାୟଣ ବେହେରା, ଅଶୋକ ବେହେରା, ବାଞ୍ଛାନିଧି ବେହେରା ପ୍ରମୁଖ ଦାବୀ କରିଛନ୍ତି ।

ପ୍ରକାଶ ଯୋଗ୍ୟ ଯେ ଉକ୍ତ ଗ୍ରାମଟି ଏକ ଫ୍ଲୋରାଇଡ ପ୍ରବଣ ଗ୍ରାମ ଓ ଫ୍ଲୋରାଇଡ ପାଣି ପିଇ ଅନେକ ଲୋକ ବିଭିନ୍ନ ଲୋକ ଆକ୍ରାନ୍ତ ହେଉଛନ୍ତି । ଏପରିକି କିଡନୀ ରୋଗରେ ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେଏବେ ମଧ୍ୟ ୧୦ ଜଣ ଆକ୍ରାନ୍ତ ଅଛନ୍ତି ।

## ସରକାରୀ ସହାୟତା ରାଶି ପାଇବାକୁ ବ୍ୟାଙ୍କ ଆଗରେ ବଢୁଛି ଭିଡ଼

### ସାମାଜିକ ଦୂରତ୍ୱକୁ ନେଇ ଉଠିଲା ପ୍ରଶ୍ନ

**ଜୟପୁର,(ପିଏନ)-** କୋରାପୁଟ ଜିଲା ଜୟପୁର ସହର ସମେତ ଏହାର ଆଖପାଖ ଅଂଚଳରେ ପ୍ରତ୍ୟେକ ଦିନ ବ୍ୟାଙ୍କ ସମ୍ମୁଖରେ ହିତାଧିକାରୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି । ସରକାରଙ୍କ ପକ୍ଷରୁ ଉଜ୍ଜଳା, ଜନଧନ ହିତାଧିକାରୀ ଓ ନିର୍ମାଣ ଶ୍ରମିକଙ୍କ ଜମା ଖାତାରେ ଟଙ୍କା ଜମା ହେବା ପରେ ଏବେ ଏହି ଟଙ୍କା ଉଠାଇବା ପାଇଁ ଗ୍ରାହକ ମାନେ ତତ୍ପର ହୋଇ ଉଠିଛନ୍ତି । ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ସତ୍ୱେ ସରକାରୀ ସହାୟତା ଅର୍ଥ ପାଇବା ପାଇଁ ଏଠାରେ ଅଧିକ ସଂଖ୍ୟାରେ ବୃଦ୍ଧ, ବୃଦ୍ଧା ଓ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଛି । ଲମ୍ବା ଧାଡ଼ିରେ ସେମାନଙ୍କୁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ ପିଇବା ପାଣିର ବ୍ୟବସ୍ଥା କରାଯାଇନାହିଁ । ସକାଳ ହେବା ମାତ୍ରେ ପାସ୍ ବୁକ୍ ଧରି ହଜାର ହଜାର ଲୋକ ଲମ୍ବା ଲାଇନରେ ଠିଆ ହେଉଛନ୍ତି । ସମ୍ପ୍ରତି କୋରାପୁଟ ଜିଲ୍ଲାରେ ତାପମାତ୍ରା ୩୫ ଡିଗ୍ରି ଉପରେ ରହୁଥିବା ବେଳେ ଜିଲାର ଜୟପୁର ସହର ସମେତ ଗାଁ ଗହଳିରେ ଥିବା ଜାତୀୟକରଣ ବ୍ୟାଙ୍କର ଶାଖା ଓ ଜନସେବା କେନ୍ଦ୍ର ଗୁଡିକରେ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି । କରୋନା ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଲକ୍ ଡାଉନ ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ, ମହିଳାଙ୍କ ନାମରେ ଥିବା ଜନଧନ ଖାତା ଗୁଡିକୁ ପ୍ରତି ମାସରେ ୫ ଶହ ଟଙ୍କା ଜମା ହେବ । ଏହି ଅର୍ଥ ୩ ମାସ ଯାଏ ମିଳିବ । ସେହିପରି ଉଜ୍ଜ୍ୱଳା ଯୋଜନାରେ ଗୋଟିଏ ସିଲିଣ୍ଡର ପାଇଁ ୭୭୫ ଟଙ୍କା ଜମା ହୋଇଛି । ଏହି ଟଙ୍କା ଉଠାଇବା ପାଇଁ ବ୍ୟାଙ୍କରେ ଭିଡ଼ ଲାଗି ରହୁଛି । ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ପାରୁ ନାହିଁ । ବ୍ୟାଙ୍କରେ କମ୍ ସଂଖ୍ୟକ କର୍ମଚାରିଙ୍କ ସହ ଇଂଟରନେଟ ସମସ୍ୟା ଯୋଗୁଁ ହିତାଧିକାରି ମାନେ ୮ରୁ୧୦ ଘଂଟା ଅପେକ୍ଷା କରିବାକୁ ପଡୁଛି । ରାଜ୍ୟ ସରକାର ମଧ ନିର୍ମାଣ ଶ୍ରମିକଙ୍କ ଆକାଉଂଟକୁ ୧୫ ଶହ ଟଙ୍କା ପଠାଇଛନ୍ତି । ଯେଉଁମାନଙ୍କ ମୋବାଇଲକୁ ଟଙ୍କା ପହଂଚିବା ମେସଜ ଆସିଯାଉଛି ସେମାନେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଦୌଡୁଛନ୍ତି । ଟଙ୍କା ଉଠାଇବା ପାଇ ୨ରୁ୩ ଥର ବ୍ୟାଙ୍କକୁ ଦଉଡ଼ିବାକୁ ପଡୁଛି । କୋରାପୁଟ ଜିଲାରେ ବହୁ ପଚାଂୟତରେ ବ୍ୟାଙ୍କର ଶାଖା ନଥିବା ସହ ଗାଡି ମୋଟର କଟକଣା ଥିବାରୁ ଗାଁ ଗହଳିରୁ ଲୋକ ମାନେ ଦଳ ଦଳ ହୋଇ ଚାଲି ଚାଲି ବ୍ୟାଙ୍କରେ ପହଂଚୁଛନ୍ତି । ଗାଁ ଗହଳିରେ ରାସନ କାର୍ଡ଼ଧାରୀଙ୍କୁ ସେମାନଙ୍କ ଘରେ ଅର୍ଥ ଦିଆଯାଉଛି । ସେହିଭଳି ଭାବରେ ସହାୟତା ଅର୍ଥ ଦେଲେ ବ୍ୟାଙ୍କ ସମ୍ମୁଖରେ ଆଉ ଗହଳି ହୁଅନ୍ତା ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଲକ୍ ଡାଉନ ଉଲ୍ଲଙ୍ଘନ ଯୋଗୁଁ ୨୪ ଗାଡି ଜବତ

**ବୌଦ୍ଧ,(ପିଏନ)-** ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନର, ତୃତୀୟ ଦିବସରେ ଲକ୍ ଡାଉନ ଉଲ୍ଲଙ୍ଘନ ଯୋଗୁଁ ୨୪ ଗାଡି ପୋଲିସ ଜବତ କରିଥିବା ବେଳେ କରୋନା ମୁକାବିଲା ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଭିନ୍ନ ଧରଣର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ଲକ୍ ଡାଉନ ନିୟମକୁ ଆହୁରି କଡାକଡି ଭାବରେ ପାଳନ କରାଯାଉଥିବା ବେଳେ ସାଧାରଣଲୋକ ଏହାକୁ ମାନିବା ପାଇଁ ବାରମ୍ବାର ସଚେତନ କରାଯାଉଅଛି । ବୌଦ୍ଧ ସହରସ୍ଥିତ ବୁଟୁପାଲି ଠାରେ ଥିବା ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ତରଫରୁ କରୋନା ମୁକାବିଲା ନେଇ ପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହରରେ ଚାଲିଥିବା ଅସ୍ଥାୟୀ ବଜାର ଛାପାଖାନା ପଡିଆ ଓ ବସଷ୍ଟାଣ୍ଡ ଠାରେ ଏହି ନାଟକ ପରିବେଷଣ କରାଯାଇଥିଲା । ପ୍ରଦର୍ଶିତ ହୋଇଥିବା ନାଟକରେ ଯମରାଜ ଭୂମିକାରେ ଇନ୍ଦ୍ରମଣି ମେହେର, ଚିତ୍ରଗୁପ୍ତ ଭାବେ ସୁଦର୍ଶନ ହୋତା, ଦୂତଭାବେ ଗୋପାଳ ମେହେର, କରୋନା ରାକ୍ଷାସ ଭାବେ ରାମଚନ୍ଦ୍ର ମେହେର ନିଖୁଣ ଅଭିନୟ କରିଥିଲେ । ଉପସ୍ଥିତ ଜନସାଧାରଣଙ୍କୁ କାମ ନଥିଲେ ବାହାରକୁ ନବାହାରିବାକୁ, ମାସ୍କ ପିନ୍ଧିବା, ବାହାରୁ ଘରକୁ ଗଲେ ସାବୁନରେ ହାତ ଧୋଇବା, ଜିନିଷ କିଣାକିଣି କରିବା ସମୟରେ ସାମାଜିକ ଦୂରତା ରଖିବାକୁ ସଚେତନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀଅଧିକ୍ଷକ ଭି. ରଘୁନାଥ ରାଓ, ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଡା, ଲକ୍ଷ୍ମୀଧର ସାହୁ, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନାରେ ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଇନ୍ଦ୍ରମଣୀ ମେହେର ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । କରୋନା ସଂକ୍ରମଣକୁ ରୋକାଯିବା ପାଇଁ ସରକାର ଲକ ଡାଉନ ଘୋଷଣା କରିଥିବା ବେଳେ ବୌଦ୍ଧ ପୋଲିସ ପକ୍ଷରୁ ଲକଡାଉନକୁ କଡାକଡି ଭାବରେ ପାଳନ କରାଯାଉଛି । ଏହି ଲକ ଡାଉନ ସମୟରେ ଅତ୍ୟାବଶ୍ୟକ ନ ପଡିଲେ ଘରୁ ବାହାରକୁ ନ ବାହାରିବା, ସାମାଜିକ ଦୂରତା ଆଦିକୁ ପାଳନ କରିବା ପାଇଁ ପରାମର୍ଶ ଦିଆଯାଉଛି । ଏପରିକି ଗାଡି ମୋଟର ଚଳାଚଳ ଉପରେ କଟକଣା ଜାରି ହୋଇଛି । ଅଯଥାରେ ବାଇକରେ ବାହାରେ ବୁଲାବୁଲି କରୁଥିବା ବାଇକ୍ ଚାଳକଙ୍କ ଉପରେ ଜରିମାନା ଆଦାୟ କରାଯାଉଛି । ଆଜି ସହରର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ବାଇକ୍ ଯାଂଚ୍ କରାଯାଇଥିଲା । ୨୪ ଟି ବାଇକରୁ ଜରିମାନା ବାବଦକୁ ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା ।

ଅନ୍ୟପକ୍ଷରେ ବୌଦ୍ଧର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସିପ କ୍ଲବ ପକ୍ଷରୁ ଆଜି ରକ୍ତଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ଯୁବ ସ୍ୱେଚ୍ଛାସେବୀ ତୋଫାନ ପରିଡା ରକ୍ତଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ ଆସିଫ ଖାଁ, କଲ୍ୟଣା ମହାପାତ୍ର, ସିଦ୍ଧାର୍ଥ ମହାପାତ୍ର, ରାମଚନ୍ଦ୍ର ସେଠୀ, ଟିଙ୍କୁ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବୌଦ୍ଧ ଶାଖା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇ ଜିଲାର ସମସ୍ତ ପ୍ରାଥମିକ ଶିକ୍ଷକ ନିଜର ଗୋଟିଏ ଦିନର ଦରମାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିବାକୁ ଜିଲାପାଳଙ୍କୁ ଜଣାଇଛନ୍ତି । ଫେଡେରେସନର ସଭାପତି ଦିଲିପ କୁମାର ପ୍ରଧାନ ଓ ସାଧାରଣ ସମ୍ପାଦକ ଶ୍ରୀନିବାସ ମିଶ୍ରଙ୍କ ପକ୍ଷରୁ ଏକ ପତ୍ର ମାଧ୍ୟମରେ ସମସ୍ତ ପ୍ରାଥମିକ ଶିକ୍ଷକଙ୍କ ଅପ୍ରେଲ ମାସର ଦରମାରୁ ଗୋଟିଏ ଦିନର ଦରମା କାଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । କରୋନା ମହାମାରୀ ଲଢେଇରେ ସମସ୍ତେ ସହଯୋଗର ହାତ ବଢାଇବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିବାବେଳେ ବୌଦ୍ଧର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏହି ନିଷ୍ପତି ଗ୍ରହଣ କରାଯାଇଛି । ଜିଲାରେ ଲକ୍ ଡାଉନ ପରିସ୍ଥିତିରେ ଗ୍ରାମାଚଂଳରେ ଅନେକ ଲୋକ ଭୋକ ଉପବାସରେ କାଳାତିପାତ କରୁଥିବାବେଳେ ଜିଲା ପ୍ରଶାସନ ଓ ବିଭିନ୍ନ ସଂଗଠନ ପକ୍ଷରୁ ରନ୍ଧାଖାଦ୍ୟ ସହ ବିଭିନ୍ନ ସହାୟତା ଜାରି ରହିଛି । ଏହି ପରିପ୍ରେକ୍ଷିରେ ଜିଲା ବିଜେପି ପକ୍ଷରୁ ୬ ନମ୍ବର ମଣ୍ଡଳରେ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି ।

## ମନରେଗା ଯୋଜନାରେ ଶ୍ରମିକଙ୍କୁ ଅଧିକ କାମଧନ୍ଦା ଯୋଗାଇ ଦାଦନ ରୋକିବା ଏକ ପ୍ରଶ୍ନବାଚୀ

**ନୂଆପଡା, (ପିଏନ)-** ମନରେଗା ଯୋଜନା ଜରିଆରେ ଗ୍ରାମୀଣ ଶ୍ରମିକ ମାନଙ୍କୁ ଅଧିକ କାମଧନ୍ଦା ଯୋଗାଇ ରୋଜଗାରକ୍ଷମ କରାଇବା ଫଳରେ ଦାଦନ ସମସ୍ୟାର ସମାଧାନ ହେବାର ଉଦ୍ଦେଶ୍ୟ ରଖି ଗତ ଡିସେମ୍ବର ମାସ ଠାରୁ ଓଡିଶା ସରକାର ବିଧିବଦ୍ଧ ଭାବରେ ଏକ ସ୍ୱତନ୍ତ୍ର ଯୋଜନା ଚଳାଇଛନ୍ତି । ଏହି ଯୋଜନା ରାଜ୍ୟର ଦାଦନ ପ୍ରବଣ ୪ ଗୋଟି ଜିଲ୍ଲା ଯଥା ନୂଆପଡା, କଳାହାଣ୍ଡି, ବଲାଙ୍ଗିର ଓ ବରଗଡରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାକୁ ସଫଳ କରିବାକୁ ସରକାର ସ୍ଥାନୀୟ ଏନଜିଓ ମାନଙ୍କୁ ମଧ୍ୟ ସାମିଲ କରିଛନ୍ତି । ନୂଆପଡା ଜିଲ୍ଲାରେ ୧୦ ଗୋଟି ଏନଜିଓଙ୍କୁ ୫ ଗୋଟି ବ୍ଲକ ଖଡିଆଳ, ନୂଆପଡା, ସିନାପାଲି, ବୋଡେନ ଓ କୋମନା ବ୍ଲକର ୧୩୧ ଗୋଟି ପଞ୍ଚାୟତରେ କାର୍ଯ୍ୟ କରିବାର ଦାୟିତ୍ୱ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଏନଜିଓ ୧୦-୧୫ ଗୋଟି ପଚାଂୟତରେ ନିଜ ତରଫରୁ କମ୍ୟୁନିଟି ମୋବିଲାଇଜର ଏବଂ ଲିଭଲି ହୁଡ ଏକ୍ସପର୍ଟ ନିଯୁକ୍ତ କରି ବିଭିନ୍ନ ଦାୟିତ୍ୱ ଯଥା ଜବକାର୍ଡଧାରୀ ଶ୍ରମିକ ଚିହ୍ନଟ କରିବା, ଗାଁର ଯୋଜନା ପ୍ରସ୍ତୁତି, ମନରେଗା ଯୋଜନାରେ ଦାଦନ ଶ୍ରମିକ କାମ କରିବାକୁ ଶ୍ରମିକ ମାନଙ୍କୁ ବୁଝାଇବା, ସିଓ୍ୱାନ ଫର୍ମ ପୂରଣରେ ସାହାର୍ଯ୍ୟ, ନୂଆ ଜବକାର୍ଡ ତିଆରିରେ ସାହାଯ୍ୟ ତଥା କାମ ତଦାରଖ ଇତ୍ୟାଦିରେ ସରକାରୀ କର୍ମଚାରୀ ଓ ପଚାଂୟତ ଅଧିକାରୀ ମାନଙ୍କୁ ସାହାଯ୍ୟ କରିବା ଭଳି କାର୍ଯ୍ୟ କରୁଛନ୍ତି । ଗାଁର ଶ୍ରମିକ ତଥା ସରକାରୀ ଅଧିକାରୀ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ତଥା ଦାଦନ ରୋକିବାକୁ ମନପ୍ରାଣ ଦେଇ ଏହି ସ୍ୱେଚ୍ଛାସେବୀ କର୍ମୀ ଗଣ ଗତ ୩ ମାସ ହେବ କାମ କରି ଆସୁଛନ୍ତି । କିନ୍ତୁ ଜିଲ୍ଲା ପ୍ରଶାସନ ଏହି ସ୍ୱେଚ୍ଛାସେବୀ କର୍ମୀ ମାନଙ୍କ ପ୍ରତି ଅନ୍ୟାୟ କରୁଥିବା ଅଭିଯୋଗ ହେଉଛି ।

ପ୍ରକାଶ ଥାଉକି ସ୍ୱେଚ୍ଛାସେବୀ କର୍ମିଗଣ ଗତ ୨୦୧୯ ଡିସେମ୍ବର ୧୫ ତାରିଖରେ ନିଯୁକ୍ତି ପରେ ସେହି ମାସର ୧୯ ଏବଂ ୨୦ ତାରିଖ ୨ ଦିନ ନୂଆପଡା ଠାରେ ଡିଆରଡିଏ ଦ୍ୱାରା ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ । ତାଲିମ ଗ୍ରହଣ ପରେ ନିଜ ନିଜ ପଚାଂୟତରେ କାମ କରିବାକୁ ପରାମର୍ଶ ଦେଇଥିଲେ । ଏହି କ୍ରମରେ ପ୍ରତି ପଚାଂୟତରେ ଜଣେ କମ୍ୟୁନିଟି ମୋବିଲାଇଜର ନିଯୁକ୍ତି ଦିଆଯାଇ ସେମାନଙ୍କୁ ମାସିକ ପାରିଶ୍ରମିକ ବାବଦରେ ୭ ହଜାର ଟଙ୍କା ବ୍ୟବସ୍ଥା କରାଯାଇଥିଲା । ଏହି ପାରିଶ୍ରମିକ ଛଡା ସେମାନଙ୍କୁ ଗସ୍ତ କିମ୍ବା ଅନ୍ୟ କୌଣସି ଖର୍ଚ୍ଚ ଦିଆଯାଉନାହିଁ । କିନ୍ତୁ ସବୁଠାରୁ ଦୁଃଖର ବିଷୟ ଆଜକୁ ୩ ମାସରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ପ୍ରଦାନ କରାଯାଉନାହିଁ । ଯାହାଫଳରେ କମ୍ୟୁନିଟି ମୋବିଲାଇଜର ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏମାନଙ୍କ ପାରିଶ୍ରମିକ କେବେ ମିଳିବ କି ନାହିଁ ସେନେଇ ମଧ ଜଣାଉନଥିବା ଅଭିଯୋଗ କରିଛନ୍ତି । ଯାହାଫଳରେ ବର୍ତମାନର ଲକ୍ ଡାଉନ ଅବସ୍ଥାରେ ମଧ ସେମାନେ ପାରିଶ୍ରମିକ ପାଇବେ କି ନାହିଁ ଦ୍ୱନ୍ଦରେ ରହି ଯାଇଛନ୍ତି । ସାରା ଦେଶରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଲକ୍ ଡାଉନ କାରଣରୁ ଅନେକ ଯୋଜନା କାର୍ଯ୍ୟକାରୀ କରି ଗରିବ ଶ୍ରେଣୀର ଲୋକଙ୍କୁ ଏହି ଯୋଜନାରେ ସାମିଲ୍ କରିଥିବା ବେଳେ ଅନ୍ୟାନ୍ୟ କେତେକ ସରକାରୀ କର୍ମଚାରୀ ମାନଙ୍କୁ ୩ ମାସର ଆଗୁଆ ଦରମା ପ୍ରଦାନ କରୁଛନ୍ତି । କିନ୍ତୁ, ଏମାନଙ୍କ ପ୍ରତି ସରକାରଙ୍କ ଦୃଷ୍ଟି ପଡୁନଥିବା ଅଭିଯୋଗ ହେଉଛି । ଏହାସହ ଏମାନେ ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତାଙ୍କ ଭଳି ଏହି କର୍ମକର୍ତା। ଗଣ ନିଜ ଜୀବନକୁ ବିପଦରେ ପକାଇ ଗ୍ରାମପଚାଂୟତ ସ୍ତରରେ ଚାଲିଥିବା ସ୍ୱାସ୍ଥ୍ୟ କ୍ୟାମ୍ପ ଏବଂ କ୍ୱାରେଂଟାଇନ ସେଂଟରରେ ଲୋକଙ୍କୁ ସଚେତନ କରିବାରେ ସାହଯ୍ୟ କରୁଛନ୍ତି । ଘରୁ ନ ବାହାରିବା, ମାସ୍କ ପିନ୍ଧିବା ଏବଂ ସାମଜିକ ଦ୍ୱରତା ରକ୍ଷା କରିବା ଦିଗରେ ଅହରହ ଲୋକଙ୍କୁ ବୁଝାଉଛନ୍ତି । ଦାଦନରୁ ବ୍ୟକ୍ତିଗତ ଫେରିଥିବା ଲୋକଙ୍କର ସର୍ଭେ ତଥା ତାଙ୍କ ପାଇଁ କେଉଁ କାର୍ଯ୍ୟକ୍ରମ କରାଗଲେ ଲକ୍ ଡାଉନ ସମୟରେ ମଧ ସେମାନେ ରୋଜଗାର କରିପାରିବେ ତାହା ଠିକ୍ କରିବା ଏବଂ ଲୋକଙ୍କୁ ସାହାଯ୍ୟ କରିବା ଦାୟିତ୍ୱ ମଧ ତୁଲାଇବାକୁ ପଡୁଛି । ସରକାର ଲକ୍ ଡାଉନକୁ ଆଖିରେ ରଖି ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀ, ପେନସନଧାରୀ ଇତ୍ୟାଦି ସ୍ଥଳେ ଆଗୁଆ ଦରମା ଓ ପାଉଣା ଦେଉଥିବା ସ୍ଥଳେ ଗ୍ରାମସ୍ତରରେ ଏତେ କଷ୍ଟରେ କାର୍ଯ୍ୟରତ କର୍ମୀ ମାନଙ୍କୁ ୩ ମାସ ହେବ ଦରମା ନ ଦେବା ବିଶେଷ ଅନ୍ୟାୟ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଅଛି । ଆସନ୍ତା ଦିନରେ ଦରମା ନ ପାଇଲେ ଆଉ କାମ କରି ପରିବେ ନାହିଁ ବୋଲି ସେମାନେ ପ୍ରକାଶ କରୁଛନ୍ତି । ଡିଆରଡିଏ କିମ୍ବା ଜିଲ୍ଲା ଅଧିକାରୀ ଏନଜିଓ ମୁଖ୍ୟ ମାନଙ୍କ ସହ କୌଣସି ଯୋଜନାର ଅଗ୍ରଗତି ସମସ୍ୟା ଇତ୍ୟାଦି ବିଷୟରେ ଆଲୋଚନା ନ କରିବା ଏବଂ ତାଙ୍କୁ ସଂପୂର୍ଣ୍ଣ ଅଣଦେଖା କରିବା ଆହୁରି ଏକ ମୁଖ୍ୟ ସମସ୍ୟା । ଏହି ଯୋଜନାରେ ଏନଜିଓ ସହଭାଗିତାକୁ ବିଲକୁଲ ଗୁରୁତ୍ୱ ଦିଆଯାଇ ନାହିଁ । ଏଣୁ ଉପରୋକ୍ତ ସମସ୍ୟା ଗୁଡିକ ସମାଧାନ ସାଙ୍ଗକୁ କର୍ମଚାରୀ ମାନଙ୍କର ଦରମା ଶୀଘ୍ର ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray